# ECHO OF HIS CALL

## ଯୀଶୁ ଖ୍ରୀଷ୍ଟଙ୍କର ଆହ୍ୱାନର ପ୍ରତିଧ୍ୱନି ODIA

ECHO OF HIS CALL 1969-2019 GOLDEN JUBILEE

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIA, ASSAMESE, PUNJABI, NEPALI, URDU, SINHALA & AFRIKAANS

**Editor : S. SAM SELVA RAJ** **16 Languages** **Associate Editor : Sis. Surama Samuel**

**Vol. XXII** YEAR OF OUR LORD JESUS CHRIST, 2021 JANUARY **No. 12**

### ପବିତ୍ର ବାଇବଲ

**(ଦୟାକରି ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)**

**ସଦାପ୍ରଭୁଙ୍କର ପ୍ରଶଂସା କର ।**

**(ଯିଶାଇୟ ୪୧:୧୧-୧୭)**

୧୧ ଦେଖ, ଯେଉଁମାନେ ତୁମ୍ଭ ପ୍ରତି କୁପିତ ଅଛନ୍ତି, ସେସମସ୍ତେ ଲଜ୍ଜିତ ଓ ଘାବରା ହେବେ; ଯେଉଁମାନେ ତୁମ୍ଭ ସଙ୍ଗେ ବିରୋଧ କରନ୍ତି, ସେମାନେ ଅବସ୍ତୁ ତୁଲ୍ୟ ହୋଇ ବିନଷ୍ଟ ହେବେ ।

୧୨ ଯେଉଁମାନେ ତୁମ୍ଭ ସଙ୍ଗେ ବିରୋଧ କରନ୍ତି, ତୁମ୍ଭେ ସେମାନଙ୍କୁ ଅନ୍ୱେଷଣ କରିବ, ମାତ୍ର ସେମାନଙ୍କର ଉଦ୍ଦେଶ୍ୟ ପାଇବ ନାହିଁ; ଯେଉଁମାନେ ତୁମ୍ଭ ସଙ୍ଗେ ଯୁଦ୍ଧ କରନ୍ତି, ସେମାନେ ଅବସ୍ତୁ ତୁଲ୍ୟ ଓ ଅକିଞ୍ଚନ ହେବେ ।

୧୩ କାରଣ ଆମ୍ଭେ ସଦାପ୍ରଭୁ ତୁମ୍ଭର ପରମେଶ୍ୱର, ତୁମ୍ଭ ଦକ୍ଷିଣ ହସ୍ତ ଧରି ତୁମ୍ଭକୁ କହିବା, ଭୟ କର ନାହିଁ; ଆମ୍ଭେ ତୁମ୍ଭର ସାହାଯ୍ୟ କରିବା ।

୧୪ ହେ କୀଟ ସ୍ୱରୂପ ଯାକୁବ ଓ ହେ ଇସ୍ରାଏଲୀୟ ନରଗଣ, ଭୟ କର ନାହିଁ; ସଦାପ୍ରଭୁ କହନ୍ତି, ଆମ୍ଭେ ତୁମ୍ଭର ସାହାଯ୍ୟ କରିବା ଓ ଇସ୍ରାଏଲର ଧର୍ମସ୍ୱରୂପ ତୁମ୍ଭର ମୁକ୍ତିଦାତା ଅଟନ୍ତି ।

୧୫ ଦେଖ, ଆମ୍ଭେ ତୁମ୍ଭକୁ ତୀକ୍ଷ୍ଣ ଛୁରିକାବିଶିଷ୍ଟ ଏକ ନୂତନ ଶସ୍ୟ-ମର୍ଦ୍ଦନ-ଯନ୍ତ୍ର ସ୍ୱରୂପ କରିବା; ତୁମ୍ଭେ ପର୍ବତଗଣକୁ ମର୍ଦ୍ଦନ କରି ଚୂର୍ଣ୍ଣ କରିବ ଓ ଉପପର୍ବତଗଣକୁ ଭୂଷି ତୁଲ୍ୟ କରିବ ।

୧୬ ତୁମ୍ଭେ ସେମାନଙ୍କୁ କୁଲାରେ ଉଡ଼ାଇଲେ, ବାୟୁ ସେମାନଙ୍କୁ ଉଡ଼ାଇ ନେଇ ଯିବ ଓ ଘୂର୍ଣ୍ଣିବାୟୁ ସେମାନଙ୍କୁ ଛିନ୍ନଭିନ୍ନ କରି ପକାଇବ; ପୁଣି, ତୁମ୍ଭେ ସଦାପ୍ରଭୁଙ୍କଠାରେ ଉଲ୍ଲାସ କରିବ ଓ ଇସ୍ରାଏଲର ଧର୍ମସ୍ୱରୂପଙ୍କଠାରେ ଦର୍ପ କରିବ ।

୧୭ ଦରିଦ୍ର ଓ ଦୀନହୀନମାନେ ଜଳ ଅନ୍ୱେଷଣ କରନ୍ତି, ମାତ୍ର ଜଳ ନାହିଁ, ତହିଁରେ ସେମାନଙ୍କ ଜିହ୍ୱା ତୃଷାରେ ଶୁଷ୍କ ହୁଏ; ଆମ୍ଭେ ସଦାପ୍ରଭୁ ସେମାନଙ୍କୁ ଉତ୍ତର ଦେବା, ଆମ୍ଭେ ଇସ୍ରାଏଲର ପରମେଶ୍ୱର ସେମାନଙ୍କୁ ତ୍ୟାଗ କରିବା ନାହିଁ ।

# ଜାତିସମୂହ ପ୍ରତି ପ୍ରଭୁଙ୍କର ସାକ୍ଷ୍ୟ

## (The Lord's Testimony to the Nations)

(ପାଳକ ଡେଭିଡ୍ ୱିଲ୍‌କର୍‌ସନ୍)

"ଆଉ ସମସ୍ତ ଜାତି ନିକଟରେ ସାକ୍ଷ୍ୟ ଦେବା ନିମନ୍ତେ ରାଜ୍ୟର ଏହି ସୁସମାଚାର ସମୁଦାୟ ପୃଥିବୀରେ ଘୋଷଣା କରାଯିବ, ତତ୍‌ପରେ ଯୁଗାନ୍ତ ହେବ" (ମାଥିଉ ୨୪:୧୪) ।

ଆଜି ମଣ୍ଡଳୀର ଅନେକ ଲୋକ ଏହି ସମୟର ଲକ୍ଷଣଗୁଡ଼ିକୁ ପଢ଼ିବା ଦ୍ୱାରା ଖ୍ରୀଷ୍ଟଙ୍କ ପ୍ରତ୍ୟାବର୍ତ୍ତନର ସନ୍ନିକଟତାକୁ ନିର୍ଣ୍ଣୟ କରିବା ପାଇଁ ଚେଷ୍ଟା କରୁଛନ୍ତି । ଆମେ ନିର୍ଦ୍ଦିଷ୍ଟ ଘଟଣାଗୁଡ଼ିକରେ ଏହିସବୁ ଲକ୍ଷଣ ଦେଖୁଅଛୁ - ଉଦାହରଣ ସ୍ୱରୂପ, ଇସ୍ରାଏଲ ଦେଶକୁ ଯିହୁଦୀମାନଙ୍କର ପ୍ରତ୍ୟାବର୍ତ୍ତନ । ମାତ୍ର ନିଜ ପ୍ରତ୍ୟାବର୍ତ୍ତନ ବିଷୟରେ ଯୀଶୁଙ୍କର ଗୋଟିଏ ସ୍ପଷ୍ଟ ମନ୍ତବ୍ୟ ଉପରୋକ୍ତ ପଦରେ ରହିଛି : ସମସ୍ତ ଜାତି ନିକଟରେ ସୁସମାଚାର ଏକ ସାକ୍ଷ୍ୟ ଭାବରେ ପ୍ରଚାରିତ ହୋଇ ସାରିବା ପରେ ହିଁ ଯୁଗାନ୍ତ ଉପସ୍ଥିତ ହେବ ।

ଏହି ପଦରେ "ସାକ୍ଷ୍ୟ" ପାଇଁ ଯୀଶୁ ଯେଉଁ ଶବ୍ଦ ବ୍ୟବହାର କରିଛନ୍ତି, ତାହା "ସାକ୍ଷ୍ୟ" ପାଇଁ ବ୍ୟବହୃତ ହୋଇଥିବା ଗ୍ରୀକ୍ ଶବ୍ଦ ସହିତ ସମାନ ଅଟେ । ଆକ୍ଷରିକ ଭାବରେ ଏହାର ଅର୍ଥ ହେଉଛି, "ଘଟଣା କିମ୍ବା ତଥ୍ୟର ପ୍ରମାଣ ।" ଏଠାରେ ଖ୍ରୀଷ୍ଟ କେବଳ ସୁସମାଚାର ପ୍ରଚାର ବିଷୟରେ ନୁହେଁ, ମାତ୍ର ଏକ ସାକ୍ଷ୍ୟ ଭାବରେ ଏହାର ଉପସ୍ଥାପନ ବିଷୟରେ କହୁଛନ୍ତି । ସଂକ୍ଷେପରେ, ସେ କହିଛନ୍ତି ଯେ ଆମେ ପ୍ରଚାର କରୁଥିବା ସୁସମାଚାର ସେତେବେଳେ ଫଳପ୍ରଦ ହେବ ଯେତେବେଳେ ଏହାର ବାସ୍ତବତା ପ୍ରତି ସାକ୍ଷ୍ୟ ଦେଉଥିବା ଏକ ଜୀବନ ଏହାକୁ ସମର୍ଥନ କରିବ ।

ଆପଣ ଏହା ଭାବୁଥିବେ ଯେ ଯେଉଁ ଆମେରିକା ପ୍ରଚାରଧର୍ମୀ ମଣ୍ଡଳୀଗୁଡ଼ିକରେ ପରିପୂର୍ଣ୍ଣ ଅଟେ, ସେଠାରେ ମଧ୍ୟ ସୁସମାଚାର ସମ୍ବନ୍ଧୀୟ ଏକ ବଳିଷ୍ଠ ସାକ୍ଷ୍ୟ ରହିଥିବ । ଦକ୍ଷିଣ ଅଞ୍ଚଳର କେବଳ ଗୋଟିଏ ବଡ଼ ନଗରରେ, ପ୍ରାୟ ୨୦୦୦ ପ୍ରଚାର ଧର୍ମୀ ମଣ୍ଡଳୀ ରହିଛି ଓ ପ୍ରତ୍ୟେକ ମଣ୍ଡଳୀର ସଦସ୍ୟ ସଂଖ୍ୟା ପ୍ରାୟ ୧୫,୦୦୦ରୁ ଉର୍ଦ୍ଧ୍ୱ ଅଟେ ।

ମାତ୍ର ଏହିପରି ଅନେକ ମଣ୍ଡଳୀ ଖ୍ରୀଷ୍ଟଙ୍କର ପ୍ରକୃତ ସୁସମାଚାର ସହିତ ବୁଝାମଣା କରିଥାନ୍ତି । ସେମାନଙ୍କ ମଣ୍ଡଳୀରେ ବିବାହ ବିଚ୍ଛେଦ ଅତି ପ୍ରଚୁର ଅଟେ । ପୁଣି ଅନେକ ଅବିବାହିତ ଯୁବକ ଯୁବତୀ ଅନୈତିକ

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

### Announcement

Kindly note that ECHO OF HIS CALL, Monthly Magazine, is additionally being published in MANIPURI language. Associate Editor: Rev. Dr. Rishikanta Sorokhaibam.

- Editor

*Touching Lives by Teaching.....Since 1969.*

## ଆମର ମିଶନ ନିୟମ

**ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷାକୁ ସମସାମୟିକ ଯୁଗ ନିକଟରେ ବ୍ୟାଖ୍ୟା କରୁ ଓ ଶିକ୍ଷା ଦେଉ ।**

PUBLISHED MONTHLY IN - ENGLISH, TAMIL, MALAYALAM, TELUGU, HINDI , MARATHI, KANNADA, BENGALI, GUJARATI, ODIYA, NEPALI, ASSAMESE, PUNJABI, URDU, SINHALA & AFRIKAANS






**"... ତୁମ୍ଭେ ଜଳ ସିଞ୍ଚିତ ଉଦ୍ୟାନ ତୁଲ୍ୟ ଓ ଜଳାଭାବ ନ ଥିବା ନିର୍ଝର ତୁଲ୍ୟ ହେବ" (ଯିଶାଇୟ ୫୮:୧୧) ।**

### ପ୍ରଭୁରେ ପ୍ରିୟ ଭାଇ ଓ ଭଉଣୀମାନେ,

ଆମର ଅତି ଉଚ୍ଚୀକୃତ ପ୍ରିୟ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆପଣମାନଙ୍କୁ ଅଭିବାଦନ ।

ଆମେ ଆପଣମାନଙ୍କୁ ଗୋଟିଏ ଆଶୀର୍ବାଦଯୁକ୍ତ ଓ ସମୃଦ୍ଧିଶାଳୀ ନୂତନ ବର୍ଷ – ୨୦୨୧ ପାଇଁ ଅଭିନନ୍ଦନ ଜଣାଉଅଛୁ । ଆପଣଙ୍କ ଜୀବନରେ ଏ ପର୍ଯ୍ୟନ୍ତ ଆପଣଙ୍କ ସହିତ ଯାତ୍ରା କରୁଥିବା ଆମର ଆଶ୍ଚର୍ଯ୍ୟଜନକ ତ୍ରାଣକର୍ତ୍ତା ଏହି ନୂତନ ବର୍ଷରେ ମଧ୍ୟ ଆପଣଙ୍କ ସହିତ ରହିବେ । "ଯାହାଙ୍କ ଦ୍ୱାରା ଆପଣମାନେ ଆହ୍ୱାନ ପାଇଥିଲେ, ସେହି ଈଶ୍ୱର ବିଶ୍ୱସ୍ତ ଅଟନ୍ତି..." (୧ କରିନ୍ଥୀୟ ୧:୯) । ସେଥିପାଇଁ ସର୍ବାନ୍ତଃକରଣ ସହିତ ତାଙ୍କର ପ୍ରଶଂସା କରିବା ଓ ସେବା କରିବା ଆମର ଦାୟିତ୍ୱ ଅଟେ । "ସେହି ଲୋକମାନଙ୍କୁ ଆମ୍ଭେ ଆପଣା ପ୍ରଶଂସା ବର୍ଣ୍ଣନା କରିବା ନିମନ୍ତେ ସୃଷ୍ଟି କରିଅଛୁ" (ଯିଶାଇୟ ୪୩:୨୧) ।

ମହାମାରୀ ଯୋଗୁ ବିଭିନ୍ନ ପ୍ରକାର ଅସୁବିଧା ମଧ୍ୟରେ, ସଦାପ୍ରଭୁ ପରମେଶ୍ୱର ଆମ ଜୀବନକୁ ସୁରକ୍ଷିତ ରଖିଛନ୍ତି । ସେଥିପାଇଁ ଆମେ ତାଙ୍କୁ ଧନ୍ୟବାଦ ଦେବା ଉଚିତ୍ । ପ୍ରଭୁ ଯୀଶୁ ଖ୍ରୀଷ୍ଟ ଅନୁଗ୍ରହ ପୂର୍ବକ ଆମର ସମସ୍ତ ଆବଶ୍ୟକତା ପୂରଣ କରୁଛନ୍ତି । ଗତବର୍ଷ ସେ ଆମକୁ ତାଙ୍କ ରାଜ୍ୟର ସଂପ୍ରସାରଣ ନିମନ୍ତେ ନୂତନ ସେବାକାର୍ଯ୍ୟ ଆରମ୍ଭ କରିବାରେ ସାହାଯ୍ୟ କରିଥିଲେ । ଈଶ୍ୱରଙ୍କ ଅନୁଗ୍ରହରୁ, ଆମେ ଆମର ସେବାକାର୍ଯ୍ୟଗୁଡ଼ିକୁ ଅବ୍ୟାହତ ରଖିଅଛୁ, ଯଥା – ମଣ୍ଡଳୀସମୂହ, ଉଚ୍ଚ ବିଦ୍ୟାଳୟ, ବାଇବଲ କଲେଜ, ଇତ୍ୟାଦି । ତତ୍ ସଙ୍ଗେ ସଙ୍ଗେ ଆମେ ସରକାରଙ୍କର ସମସ୍ତ ଆଇନ କାନୁନ ମଧ୍ୟ ପାଳନ କରୁଅଛୁ ।

ଈଶ୍ୱର "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକାକୁ ୧୭ତମ ଭାଷା, ମଣିପୁରୀ ଭାଷାରେ ମଧ୍ୟ ପ୍ରକାଶ କରିବାରେ ସାହାଯ୍ୟ କରିଥିବାରୁ ତାଙ୍କୁ ଧନ୍ୟବାଦ ଦେଉଅଛୁ । ଏହା ଉତ୍ତର-ପୂର୍ବ ଭାରତର ମଣିପୁରର ସରକାରୀ ଭାଷା ଅଟେ । ଆମେ ଏହାର ସହଯୋଗୀ ସଂପାଦକ, ରେଭ୍.ଡଃ.ରିଷିକାନ୍ତ ସୋରୋଖାଇବାମ୍‌ଙ୍କ ପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛୁ କାରଣ ସେ ଆମ ସେବାକାର୍ଯ୍ୟ ମାଧ୍ୟମରେ ତାଙ୍କର ମଣିପୁରୀ ଭାଷାବାଦୀ ଲୋକମାନଙ୍କ ନିକଟକୁ ସୁସମାଚାର ନେବା ପାଇଁ ଆଗେଇ ଆସିଛନ୍ତି । "ଆହ୍ୱାନର ପ୍ରତିଧ୍ୱନି" ପରିବାରରେ ଯୋଗ ଦେବା ପାଇଁ ଆମେ ତାଙ୍କୁ ଓ ତାଙ୍କ ପରିବାରକୁ ସ୍ୱାଗତ ଜଣାଉଅଛୁ ।

ଯେତେବେଳେ ଆଦ୍ୟ ଦିନଗୁଡ଼ିକରେ, ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମକୁ "ଆହ୍ୱାନର ପ୍ରତିଧ୍ୱନି" ପ୍ରକାଶ କରିବା ପାଇଁ ଚାଳନା ଦେଇଥିଲେ, ସେତେବେଳେ ଆମେ ନିମ୍ନଲିଖିତ ଭାରତୀୟ ଭାଷାରେ ମଧ୍ୟ ଏହାକୁ ପ୍ରକାଶ କରିବା ପାଇଁ ସରକାରଙ୍କଠାରୁ ଅନୁମତି ପାଇଥିଲୁ :

କଶ୍ମୀରୀ
ସିନ୍ଧି
କୋନ୍‌କାନୀ ଓ
ସଂସ୍କୃତ ।

ମାତ୍ର ପାଣ୍ଠି ଓ ଅନ୍ୟାନ୍ୟ ଅସୁବିଧା ଯୋଗୁ ସେହି ଭାଷା ଗୁଡ଼ିକରେ ପତ୍ରିକା ପ୍ରକାଶ କରିପାରି ନ ଥିଲୁ । ବର୍ତ୍ତମାନ ଉପରୋକ୍ତ ଚାରୋଟି ଭାଷାରେ "ଆହ୍ୱାନର ପ୍ରତିଧ୍ୱନି" ପ୍ରକାଶ କରିବାର ସମ୍ଭାବନାକୁ ଖୋଜି ବାହାର କରିବା ପାଇଁ

**CHIEF EDITORS**
Pastor S. Sam Selva Raj
Angeline Selvakumari Henry, M.A., M.Ed.
**MANAGING EDITOR**
Pastor Alex Samson Sam, B.Th., M.Div.
**ADMINISTRATION**
Bro. N. Prakasam, M.A., General Manager
**EDITORIAL BOARD**
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M. Phil., B.Ed.
**Head Qrs. CO-ORDINATORS**
Bro. John Rodrigues
Sis. E. Daisy Rani
**ADVISORY BOARD**
Adv. Jose Abraham
Adv. N. Balaji, B.Com., B.L.
Dr. S. Rabinder Boaz, M.S.
Er. C.G.S. Baburao, B.Tech., M.Tech. (DM)
Aud. K. Puratchivendan, M.Com., B.L.
Bro. Rajeswaran Samuel, B.Com.
**PUBLISHER & PRINTER**
Pastor S. SAM SELVA RAJ
**Echo of His Call Printers**
10, Mohammed Abdullah 2nd Street,
Chepauk, Chennai- 600 005, India.
**Phone :** (+91-44) 2852 8282
2852 9293, 2854 7766
**Email :** sam@echoofhiscall.org
biblecor@yahoo.co.in
**Websites :**
www.echoofhiscall.org
www.echoofhiscall.com

**Our Ministries:** ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners Village English High School Crusades 100 Prayer Warriors Community Development

ଆମେ ଆ ଆତ୍ମାରେ ଅନୁଭବ କରୁଅଛୁ । ଏହାଦ୍ୱାରା, ଆମେ ଭାରତର ଅଧିକାଂଶ ଲୋକଙ୍କୁ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ସୁସମ୍ବାଦ ଦ୍ୱାରା ଆଚ୍ଛାଦନ କରିପାରିବୁ ।

ଏହି ମହାନ୍ ଦର୍ଶନକୁ ପୂରଣ କରିବା ନିମନ୍ତେ ଆମେ ପ୍ରଥମେ ଏପରି ବିଶ୍ୱସ୍ତ ଓ ସମର୍ପିତ ଲୋକମାନଙ୍କୁ ଆବଶ୍ୟକ କରୁଅଛୁ ଯେଉଁମାନେ ଏହି ପ୍ରଚେଷ୍ଟା ପାଇଁ ପ୍ରାର୍ଥନାରେ ଆମ ସହିତ ଯୋଗ ଦେବେ ଓ ଦ୍ୱିତୀୟରେ, ଏପରି ଲୋକମାନଙ୍କୁ ମଧ ଆବଶ୍ୟକ କରୁଅଛୁ ଯେଉଁମାନେ ଏହି ସମସ୍ତ ଭାଷାରେ ଅନୁବାଦ ଓ ଡିଟିପି କାର୍ଯ୍ୟ କରିବା ପାଇଁ ଆଗକୁ ଆସିବେ ।

ଏହି ସମସ୍ତ ବର୍ଷରେ ଆପଣ ‘‘ଆହ୍ୱାନର ପ୍ରତିଧ୍ୱନି’’ର ଜଣେ ପାଠକ, ପ୍ରାର୍ଥନା ଯୋଦ୍ଧା ଓ ସହାୟତା ପ୍ରଦାନକାରୀ ହୋଇଥିବାରୁ, ଆମେ ଏହି ଭାଷା ଗୁଡ଼ିକରେ ‘‘ଆହ୍ୱାନର ପ୍ରତିଧ୍ୱନି’’ ପ୍ରକାଶନ ପାଇଁ ଆପଣଙ୍କର ମତାମତ ଓ ସହଯୋଗ ଆବଶ୍ୟକ କରୁଅଛୁ । ଆପଣଙ୍କର ପରାମର୍ଶ ଓ ମତାମତ କଶ୍ମୀରୀ, ସିନ୍ଧି, କୋନ୍‌କୋନି ଓ ସଂସ୍କୃତ ଭାଷାବାଦୀ ଲୋକମାନଙ୍କ ନିକଟରେ ପହଞ୍ଚିବାରେ ଆମକୁ ସାହାଯ୍ୟ କରିବ ।

ଯଦିଓ ଏହି ସଂପ୍ରଦାୟ ନିକଟରେ ସୁସମାଚାର ପହଞ୍ଚାଇବା ଅତି କଷ୍ଟକର ଅଟେ, ତଥାପି ଆମେ ଏହା ଅନୁଭବ କରୁ ଯେ ଆମେ ଆମ ସେବାକାର୍ଯ୍ୟର ଦର୍ଶନକୁ ସେ ପର୍ଯ୍ୟନ୍ତ ନିଷ୍ପ୍ରଭ କରିବା ଅନୁଚିତ ଯେ ପର୍ଯ୍ୟନ୍ତ ଜଗତର ଶେଷ ବ୍ୟକ୍ତିଙ୍କ ନିକଟରେ ଆମେ ପହଞ୍ଚି ନାହୁଁ ଓ ଯେ ପର୍ଯ୍ୟନ୍ତ ସେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ତା’ର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଓ ଈଶ୍ୱର ବୋଲି ଜାଣି ନାହିଁ । ‘‘ସଦାପ୍ରଭୁ କହନ୍ତି, ତୁମ୍ଭେମାନେ ଯେପରି ଜାଣି ଆମ୍ଭଠାରେ ବିଶ୍ୱାସ କରିବ ଓ ଆମ୍ଭେ ସେହି ଅଟୁ ବୋଲି ବୁଝିବ, ଏଥିପାଇଁ ତୁମ୍ଭେମାନେ ଆମ୍ଭର ସାକ୍ଷୀ ଓ ଆମ୍ଭର ମନୋନୀତ ଦାସ ଅଟ, ଆମ୍ଭ ପୂର୍ବରେ କୌଣସି ଈଶ୍ୱର ନିର୍ମିତ ନୋହିଲା, କିଅବା ଆମ୍ଭ ଉତ୍ତାରେ ନୋହିବ । ଆମ୍ଭେ, ଆମ୍ଭେ ହିଁ ସଦାପ୍ରଭୁ ଅଟୁ ଓ ଆମ୍ଭ ଛଡ଼ା ଆଉ ତ୍ରାଣକର୍ତ୍ତା ନାହିଁ । ଆମ୍ଭେ ପ୍ରକାଶ କରିଅଛୁ ଓ ଆମ୍ଭେ ତ୍ରାଣ କରିଅଛୁ ଓ ଆମ୍ଭେ ଦେଖାଇଅଛୁ, ଆଉ ତୁମ୍ଭମାନଙ୍କ ମଧରେ କୌଣସି ବିଦେଶୀୟ ଦେବତା ନ ଥିଲା, ଏହେତୁ ସଦାପ୍ରଭୁ କହନ୍ତି, ତୁମ୍ଭେମାନେ ଆମ୍ଭର ସାକ୍ଷୀ ଅଟ ଓ ଆମ୍ଭେ ପରମେଶ୍ୱର ଅଟୁ । ହଁ, ଦିବସର ପୂର୍ବରୁ ଆମ୍ଭେ ସେହି ଅଟୁ ଓ ଆମ୍ଭ ହସ୍ତରୁ ଉଦ୍ଧାରକାରୀ କେହି ନାହିଁ, ଆମ୍ଭେ କାର୍ଯ୍ୟ କରିବା, ଆଉ କିଏ ତାହା ଅନ୍ୟଥା କରିବ ? ତୁମ୍ଭମାନଙ୍କର ମୁକ୍ତିଦାତା, ଇସ୍ରାଏଲର ଧର୍ମସ୍ୱରୂପ ସଦାପ୍ରଭୁ ଏହି କଥା କହନ୍ତି, ଆମ୍ଭେ ତୁମ୍ଭମାନଙ୍କ ସକାଶେ ବାବିଲକୁ ଲୋକ ପଠାଇଅଛୁ ଓ ଆମ୍ଭେ ସେ ସମସ୍ତଙ୍କୁ ପଳାତକଗଣ ତୁଲ୍ୟ ଆଣିବା, କଲଦୀୟମାନଙ୍କୁ ହିଁ ସେମାନଙ୍କର ଆନନ୍ଦଗାନର ନୌକାରେ ଆଣିବା । ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର ଧର୍ମସ୍ୱରୂପ, ଇସ୍ରାଏଲର ସୃଷ୍ଟିକର୍ତ୍ତା, ତୁମ୍ଭମାନଙ୍କର ରାଜା ଅଟୁ, ଯେ ସମୁଦ୍ରରେ ପଥ ଓ ମହା ଜଳାରାଶିରେ ମାର୍ଗ କରନ୍ତି’’ (ଯିଶାଇୟ ୧୦:୫୬) ।

ଆମେ ଆପଣମାନଙ୍କଠାରୁ ଏହି ପତ୍ରର ଉତ୍ତର ଅପେକ୍ଷା କରୁଅଛୁ । ଈଶ୍ୱର ଏହି ନୂତନ ବର୍ଷ – ୨୦୨୧ରେ ଆପଣମାନଙ୍କୁ ଅଧିକରୁ ଅଧିକ ଆଶୀର୍ବାଦ କରନ୍ତୁ ଓ ନୂତନ ଶକ୍ତି, ବଳ, ଜ୍ଞାନ ଓ ଦୀର୍ଘାୟୁ ଦେଇ ଅଗ୍ରସର ହେବାରେ ସାହାଯ୍ୟ କରନ୍ତୁ । ଏହା ଆପଣମାନଙ୍କ ନିମନ୍ତେ ଆମର ପ୍ରାର୍ଥନା ଅଟେ ।

**ଆପଣମାନଙ୍କର ସେବକ,**
**ପାଳକ ସାମ୍ ସେଲ୍‌ଭାରାଜ୍**

---

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଯୌନକ୍ରିୟାରେ ଲିପ୍ତ ଥାଆନ୍ତି । ଆପଣ ପଚାରି ପାରନ୍ତି, ଏହା କିପରି ସମ୍ଭବ ? ପ୍ରକୃତ ବିଷୟ ହେଉଛି, ଏହିପରି ଅନେକ ବଡ଼ ବଡ଼ ମଣ୍ଡଳୀରେ ସୁସମାଚାର ପ୍ରଚାର ହେଉଥିଲେ ସୁଦ୍ଧା, ସୁସମାଚାରକୁ ସମର୍ଥନ କରିବା ପାଇଁ ଲୋକମାନଙ୍କ ଜୀବନରେ ଖ୍ରୀଷ୍ଟଙ୍କ ପ୍ରଭୁତ୍ୱ ପ୍ରତି କୌଣସି ସାକ୍ଷ୍ୟ ନାହିଁ । ସେମାନେ ସେହି ସହର କିମ୍ବା ଦେଶ ନିକଟରେ ଗୋଟିଏ ପ୍ରକୃତ ସାକ୍ଷ୍ୟ ବହନ କରନ୍ତି ନାହିଁ ।

ଅବଶ୍ୟ, କେତେକ ବ୍ୟତିକ୍ରମ ମଧ ଅଛି, ମୁଁ ଯେଉଁ ନିର୍ଦ୍ଦିଷ୍ଟ ସହର ବିଷୟରେ ଭାବୁଛି, ସେଠାରେ ମୁଁ କେତେକ ଯୁବ ପ୍ରଚାରକଙ୍କୁ ଜାଣିଛି ଯେଉଁମାନେ ପ୍ରଭୁଙ୍କ ସମ୍ମୁଖରେ ଅଧିକ ସମୟ ବିତାଇବା ଆରମ୍ଭ କରିଛନ୍ତି । ବର୍ତ୍ତମାନ ଯେତେବେଳେ ସେମାନେ ଈଶ୍ୱରଙ୍କ ବାକ୍ୟ ଜଣାନ୍ତି, ସେତେବେଳେ ସେମାନେ ଶକ୍ତି ଓ ଅଧିକାର ସହିତ କଥା କହନ୍ତି, ସେମାନେ ପ୍ରଚାର କରୁଥିବା ସୁସମାଚାର ଖ୍ରୀଷ୍ଟଙ୍କ ସହିତ ଅନ୍ତରଙ୍ଗତା ଓ ଏକ ପବିତ୍ର ଆଚରଣ ସମ୍ବନ୍ଧୀୟ ଏକ ସାକ୍ଷ୍ୟ ଦ୍ୱାରା ସମର୍ଥିତ ହୁଏ । ପୁଣି ସେମାନେ ମଣ୍ଡଳୀର ସଦସ୍ୟମାନଙ୍କ ଜୀବନରେ ଭିନ୍ନତା ଦେଖିବା ଆରମ୍ଭ କରିଛନ୍ତି ।

ମୁଁ ଏପରି ଜଣେ ବାପ୍‌ଟିଷ୍ଟ ପାଳକଙ୍କ ବିଷୟରେ ମଧ ଚିନ୍ତା କରୁଛି ଯିଏ ଥରେ ଗୋଟିଏ ବଡ଼ ନୂତନ ଗୀର୍ଜ୍ଜାଗୃହ ନିର୍ମାଣ କରିବାକୁ ଯୋଜନା କରିଥିଲେ । ତାଙ୍କର ମଣ୍ଡଳୀ ଦ୍ରୁତ ଗତିରେ ବୃଦ୍ଧି ପାଉଥିଲା ଓ ସେ ମଣ୍ଡଳୀ ଅଭିବୃଦ୍ଧି ସମ୍ବନ୍ଧୀୟ ଆନ୍ଦୋଳନ ବିଷୟରେ ଅଧ୍ୟୟନ କରିବା ଆରମ୍ଭ କରିଥିଲେ । ମାତ୍ର ଠିକ୍ ସେତେବେଳେ ତାଙ୍କର ପତ୍ନୀ ପ୍ରାର୍ଥନା କରିବା ପାଇଁ ଓ ପ୍ରଭୁଙ୍କର ଅନ୍ୱେଷଣ କରିବା ପାଇଁ ଉଦ୍ଦୀପିତ ହୋଇଥିଲେ ଓ ଅତିଶୀଘ୍ର ପାଳକ ମଧ ସେହି ସମାନ କାର୍ଯ୍ୟ ଆରମ୍ଭ କରିଥିଲେ ।

ନିକଟରେ ଏକ ଉପଦେଶ ପ୍ରଚାର କରିବା ପାଇଁ, ସେହି ପାଳକ ମଣ୍ଡଳୀର ସମ୍ମୁଖ ଭାଗରେ ଗୋଟିଏ ବଡ଼ ସ୍କ୍ରିନ୍ ଟଙ୍ଗାଇଲେ । ସେ ତାଙ୍କ ମଣ୍ଡଳୀକୁ କହିଲେ, ‘‘ଈଶ୍ୱରଙ୍କ ଆତ୍ମା ଏହି ମଣ୍ଡଳୀର ପାପ ବିଷୟରେ ମୋତେ ଜଣାଇଅଛନ୍ତି । ଆଉ ଆଜି ଆମେ ସେଗୁଡ଼ିକୁ ଆମ ଚକ୍ଷୁ ସମ୍ମୁଖରେ ଦେଖିବୁ ।’’

ଏହାପରେ ପାଳକ ସ୍କ୍ରିନ୍ ଉପରେ ଗୋଟିଏ ପରେ ଗୋଟିଏ ପାପର ଦୃଶ୍ୟ ଦେଖାଇଲେ, ଯଥା – କାମୁକତା, ବ୍ୟଭିଚାର, ମଦ୍ୟପାନ, ନିଶାବଟିକା ସେବନ, ଅଶ୍ଳୀଳ ଚିତ୍ର ଦେଖିବା କିମ୍ବା ପଢ଼ିବା, ଇତ୍ୟାଦି । ଏହାପରେ ସେ ନିଜର ବାର୍ତ୍ତା ଆରମ୍ଭ କରିଥିଲେ, ‘‘ବର୍ତ୍ତମାନ ଆମେ ଗୋଟିଏ ବଡ଼ ଗୀର୍ଜ୍ଜା ଗୃହ ନିର୍ମାଣ କରିବାକୁ ଯାଉ ନାହୁଁ । କିଛି କରିବା ପୂର୍ବରୁ, ଆମକୁ ଖ୍ରୀଷ୍ଟଙ୍କର ଜୀବନ୍ତ ତମ୍ବୁକୁ ସଳଖ କରିବାକୁ ହେବ । ଆମକୁ ପ୍ରଥମେ ଏହି ସୁସମାଚାରକୁ ଜୀବନରେ ପ୍ରଦର୍ଶନ କରିବାକୁ ହେବ ।’’

ଆଜି ଈଶ୍ୱରଙ୍କ ଆତ୍ମା ଶକ୍ତିପୂର୍ଣ୍ଣ ଭାବରେ ସେହି ମଣ୍ଡଳୀ ମଧରେ ବିଚରଣ କରୁଛନ୍ତି । ଲୋକମାନେ ପ୍ରଭୁଙ୍କ ନିକଟରେ ଏକତ୍ରିତ ହୋଇ ସେମାନଙ୍କ ଜୀବନକୁ ସଳଖ କରୁଛନ୍ତି – କାରଣ ସେମାନେ ସୁସମାଚାର ପଛରେ ଥିବା ସାକ୍ଷ୍ୟ ସହିତ ଏହାକୁ ଶୁଣୁଅଛନ୍ତି ।

ମୁଁ ଏପରି ଅନେକ ଯୁବ ଓ ବୃଦ୍ଧ ପ୍ରଚାରକଙ୍କୁ ଦେଖି ଆଶ୍ଚର୍ଯ୍ୟ ଓ ଦ୍ୱନ୍ଦ୍ୱଗ୍ରସ୍ତ ହୁଏ ଯେଉଁମାନେ ସେମାନଙ୍କ ମଣ୍ଡଳୀ ଗୁଡ଼ିକର ଅଭିବୃଦ୍ଧି ନିମନ୍ତେ ସମଗ୍ର ଜଗତ ମଧରେ କୌଶଳ ସବୁ ଖୋଜୁଅଛନ୍ତି । ଆଜି, ଅନେକ ପ୍ରଚାରକ ସଭା ସମିତି ଓ ବିଦ୍ୱାନ–ମଣ୍ଡଳୀରେ ଯୋଗ ଦେଉଛନ୍ତି । ସେଠାରେ ବୃତ୍ତିଧାରୀ ଯୁବ ପ୍ରଚାରକମାନେ ବୃହତ୍ତର ମଣ୍ଡଳୀର ନିର୍ମାଣ ପାଇଁ ଚିତ୍ର ଓ ମତାମତ ମାଧମରେ କୌଶଳ ସବୁ ପ୍ରଦର୍ଶନ କରନ୍ତି । ଅନ୍ୟ କେତେକ ପ୍ରଚାରକ ‘‘ଉଦ୍ଦୀପନା ସଭା’’

***ଆହ୍ୱାନ ପ୍ରତିଧ୍ୱନି ସେବାକାର୍ଯ୍ୟ ଆହ୍ୱାନର ପ୍ରତିଧ୍ୱନି ପତ୍ରିକାର ପାଠକମାନଙ୍କର ଓ ଆପଣମାନଙ୍କ ଭଳି ଆମର ପ୍ରିୟ ବନ୍ଧୁମାନଙ୍କର ସ୍ୱେଚ୍ଛାଦାନ ଦ୍ୱାରା ପରିଚାଳିତ ହୋଇଥାଏ । ଈଶ୍ୱର ‘‘ଜଣେ ହୃଷ୍ଟଚିତ୍ତଦାତାକୁ ପ୍ରେମ କରନ୍ତି’’ (୨ କରିନ୍ଥୀୟ ୯:୭) । ଯେ କୌଣସି ମାଧମରେ, ଯେ କୌଣସି ମୂଲ୍ୟ ବିନିମୟରେ – ଯେ କୌଣସି ମାର୍ଗରେ, ସମସ୍ତ ଉପାୟରେ କେତେଜଣଙ୍କୁ ରକ୍ଷା କରନ୍ତୁ (୧ କରିନ୍ଥୀୟ ୯:୨୨) ।***

**– ସଂପାଦକ**

କରନ୍ତି ଓ ସେମାନଙ୍କ ମଣ୍ଡଳୀରେ ପବିତ୍ର ଆତ୍ମାଙ୍କୁ କିପରି ଅବତରଣ କରାଇବାକୁ ହେବ – ଏ ବିଷୟରେ ନୂତନ ନୂତନ ପଦ୍ଧତିସବୁ ଶିକ୍ଷା କରନ୍ତି । ବର୍ତ୍ତମାନ ମିଶନ୍ ସୋସାଇଟୀଗୁଡ଼ିକ ପୂର୍ବାପେକ୍ଷା ଅଧିକ କାର୍ଯ୍ୟକାରୀମାନଙ୍କୁ ପ୍ରେରଣ କରୁଛନ୍ତି । ‘‘ଆମ ନିକଟରେ କ୍ଷେତ୍ରୀୟ ସେବାକାର୍ଯ୍ୟ ପାଇଁ ଅଧିକ ଲୋକବଳ ଅଛି । ଜାତିସମୂହଙ୍କୁ ଖ୍ରୀଷ୍ଟଙ୍କ ନିମନ୍ତେ ଲାଭ କରିବା ପାଇଁ ଅଧିକ ଯୋଗ୍ୟ ଲୋକମାନଙ୍କୁ ଆମେ ଆବଶ୍ୟକ କରୁଅଛୁ’’ ଏହା ସେମାନଙ୍କ ସଭାର ଚିତ୍କାରରେ ପରିଣତ ହୋଇଅଛି ।

ମାତ୍ର ସେମାନଙ୍କ ମଧ୍ୟରୁ ଅନେକ ମିଶନେରୀ ଅଳ୍ପ କିଛି ବର୍ଷ ମଧ୍ୟରେ ଗୃହକୁ ଫେରି ଆସୁଛନ୍ତି । ସେହି ବିଦେଶୀ ସ୍ଥାନଗୁଡ଼ିକରେ ଶୟତାନିକ ଶକ୍ତି ଦ୍ୱାରା ସେମାନଙ୍କୁ ପ୍ରହାର କରାଯାଉଅଛି, ନିରୁତ୍ସାହିତ କରାଯାଉଛି ଓ ବିଫଳ କରାଯାଉଛି । କାହିଁକି ? କାରଣ ସେମାନଙ୍କ ଜୀବନ ସେମାନଙ୍କ ପ୍ରଚାରିତ ସୁସମାଚାର ସହିତ ମେଳ ଖାଏ ନାହିଁ । ସେମାନେ ନିକଟରେ ପ୍ରାଥମିକ ଜ୍ଞାନ କିମ୍ବା ଖ୍ରୀଷ୍ଟଙ୍କ ପ୍ରଭୁତ୍ୱ ସମ୍ବନ୍ଧୀୟ ଜ୍ଞାନ କିମ୍ବା ପବିତ୍ର ଆତ୍ମାଙ୍କ ପୂର୍ଣ୍ଣତା ସମ୍ବନ୍ଧୀୟ ଜ୍ଞାନ ନ ଥାଏ ।

ପ୍ରିୟ ବନ୍ଧୁଗଣ, ଖ୍ରୀଷ୍ଟଙ୍କ ପାଇଁ ଜାତିସମୂହକୁ ସ୍ପର୍ଶ କରିବା ନିମନ୍ତେ କେବଳ ଚିନ୍ତାଧାରା କିମ୍ବା କୌଶଳ ଆବଶ୍ୟକ ହୁଏ ନାହିଁ । ଯଦି ଯୀଶୁ ଆମ ଜୀବନର ପ୍ରତ୍ୟେକଟି କ୍ଷେତ୍ରରେ ସିଂହାସନ ରୂଢ଼ ନ ଥାନ୍ତି, ତେବେ ଆମର ସମସ୍ତ ଯୋଜନା ବୃଥା ହୋଇଯାଏ ।

### ଏହା ଏପରି ଏକ ସମୟରେ ଗୋଟିଏ ବଡ଼ ଦୁଃଖର ବିଷୟ ଅଟେ ଯେତେବେଳେ ଖ୍ରୀଷ୍ଟାରିର ଶକ୍ତିସମୂହ ମହା ପରାକ୍ରମରେ ଆସୁଅଛନ୍ତି ।

ନର୍କ କୁଣ୍ଡରୁ ପ୍ରବଳ ବେଗରେ ମନ୍ଦାତ୍ମାଗୁଡ଼ିକର ମାଡ଼ି ଆସିବା ଭଳି ଘଟଣା ଇତିହାସରେ ଆଦୌ ଦେଖାଯାଇ ନାହିଁ । ବିଶୃଙ୍ଖଳା ଓ ସ୍ୱେଚ୍ଛାଚାରିତା ପୃଥିବୀରେ ବ୍ୟାପିଯିବା ସଙ୍ଗେ ସଙ୍ଗେ ଜାତିସମୂହ ଜାତିଗୁଡ଼ିକ ବିରୁଦ୍ଧରେ ଉଠୁଅଛନ୍ତି । ପୁଣି ଶୟତାନ ସାଧୁମାନଙ୍କ ବିରୁଦ୍ଧରେ ଗୋଟିଏ ଅନ୍ତିମ ଯୁଦ୍ଧ ପାଇଁ ତା’ର ମନ୍ଦାତ୍ମାଗୁଡ଼ିକୁ ମୁକ୍ତ କରି ଦେଇଥିବାରୁ ଏହି ସମସ୍ତ ବିଷୟ ଘଟୁଅଛି ।

ମାତ୍ର ଆମ ଜଗତରେ ଘଟୁଥିବା ଯେ କୌଣସି ଘଟଣା ଦ୍ୱାରା ଈଶ୍ୱର ଧୃତ ନୁହଁନ୍ତି । ସେ ଭୟଙ୍କର ନିଶା ରୂପକ ମହାମାରୀ, କିମ୍ବା ରକ୍ତ-ସ୍ନାତ ଗର୍ଭପାତ ଦ୍ୱାରା ଆଶ୍ଚର୍ଯ୍ୟ ହୁଅନ୍ତି ନାହିଁ । ସେଥିପାଇଁ, ଏହି ବିଶୃଙ୍ଖଳା ଓ ଭ୍ରଷ୍ଟତାର ସମୟରେ ତାଙ୍କର ପ୍ରତିକ୍ରିୟା କ’ଣ ? ଧର୍ମଚ୍ୟୁତି ଓ ଶୟତାନିକ ଶକ୍ତିର ଅଭିବୃଦ୍ଧି ବିରୁଦ୍ଧରେ ସେ କେଉଁ ପ୍ରତିକାରର ପ୍ରସ୍ତାବ ଦିଅନ୍ତି ? ଏପରି ଏକ ବିନଷ୍ଟ ସମୟରେ, ଈଶ୍ୱର କ’ଣ କରିବେ ?

ତାଙ୍କର ଉତ୍ତର ସବୁ ସମୟ ପରି ସମାନ ଅଟେ – ଏକ ନୂତନୀ କୃତ ମାର୍ଗରେ ଖ୍ରୀଷ୍ଟଙ୍କର ବିଜୟ ଉତ୍ପନ୍ନ କରିବା । ଈଶ୍ୱର ସର୍ବଦା ଲୋକମାନଙ୍କ ମଧ୍ୟରୁ ଏକ ନୂତନ ଅବଶିଷ୍ଟାଂଶଙ୍କୁ ଉଠାନ୍ତି ଯେଉଁମାନେ ତାଙ୍କ ତ୍ରାଣକାରୀ ଓ ଶୁଚିକାରୀ ଶକ୍ତି ପ୍ରତି ଏକ ବିଶୁଦ୍ଧ ସାକ୍ଷୀ ହୁଅନ୍ତି । ତାହା ଆଜି ମଧ୍ୟ ସତ୍ୟ ଅଟେ । ତାଙ୍କର ଯୋଜନା ହେଉଛି, ଖ୍ରୀଷ୍ଟାରିର ଏହି କାର୍ଯ୍ୟକଳାପ ମଧ୍ୟକୁ ଏପରି ଏକ ପୃଥକୀକୃତ, ଖ୍ରୀଷ୍ଟରେ-ପରିପୂର୍ଣ୍ଣ ବିଜୟୀ-ଧାର୍ମିକ ଲୋକମାନଙ୍କୁ ଆଣିବା ଯେଉଁମାନେ ତାଙ୍କ ଶାସନ ଓ ପ୍ରଭୁତ୍ୱ ପ୍ରତି ସଂପୂର୍ଣ୍ଣ ବଶୀଭୂତ ହୋଇ ଜୀବନ କାଟିବେ ।

### ଆମେ ସମଗ୍ର ବାଇବଲରେ ଏହି ଧାରା ଦେଖୁ

ମିଶରରେ ଇସ୍ରାଏଲର ଦୁଃଖାବସ୍ଥାକୁ ବିଚାର କରନ୍ତୁ । ଈଶ୍ୱରଙ୍କ ନିଜସ୍ୱ ଜାତି ବ୍ୟାପକ ଧର୍ମଚ୍ୟୁତି ସହିତ ଅବିଶ୍ୱସନୀୟଭାବେ କ୍ଷତିଗ୍ରସ୍ତ ଥିଲା । ଶୟତାନ ଇସ୍ରାଏଲକୁ ନିଜ ପାଦ ତଳେ ରଖିଥିଲା ଓ ସେମାନଙ୍କ ବିରୁଦ୍ଧରେ ଆଇନ ପ୍ରଣୟନ କରି ସେମାନଙ୍କ ପ୍ରତି ଅତ୍ୟାଚାର କରିବା ପାଇଁ ସେ ସମୟର ରାଜନୈତିକ ଶକ୍ତିଗୁଡ଼ିକୁ ନିୟନ୍ତ୍ରଣ କରୁଥିଲା । ଶତ୍ରୁ ପୃଥିବୀରେ ଈଶ୍ୱରଙ୍କ ସାକ୍ଷ୍ୟକୁ ବିଦ୍ରୂପ ଓ ପରିହାସ କରୁଥିଲା ।

ଏହା ଇସ୍ରାଏଲ ଇତିହାସରେ ଏକ ଅନ୍ଧକାର ସମୟ ଥିଲା । ପୁଣି ସମୟ କ୍ରମେ ଲୋକମାନେ ନିରୁତ୍ସାହିତ ହୋଇଥିଲେ । ସେମାନେ ମିଶରରେ ସ୍ଖଳିତ ହେବା, ଆମୋଦ ପ୍ରମୋଦରେ ଲିପ୍ତ ରହିବା ଆରମ୍ଭ କରିଥିଲେ । ମୂର୍ତ୍ତିପୂଜା ଓ ବ୍ୟଭିଚାର ବହୁଳ ଥିଲା । ଇସ୍ରାଏଲର ପରିସ୍ଥିତି ନୈରାଶ୍ୟଜନକ ମନେ ହେଉଥିଲା । ଜାତିର ବିଶ୍ୱାସ ଧୀରେ ଧୀରେ ମୃତ୍ୟୁବରଣ କରୁଥିଲା ।

ଅନ୍ଧକାରର ଏହି ବୃଦ୍ଧି ପାଉଥିବା ଶକ୍ତି ପ୍ରତି ଈଶ୍ୱରଙ୍କର ପ୍ରତିକ୍ରିୟା କ’ଣ ଥିଲା ? ସେ ମିଶର ବିରୁଦ୍ଧରେ ତାଙ୍କର ଯଷ୍ଟି ଭାବରେ ଚତୁର୍ଦ୍ଦିଗସ୍ଥିତ ସାମ୍ରାଜ୍ୟଗୁଡ଼ିକୁ ଜାଗ୍ରତ କରାଇଥିଲେ କି ? ସେ ଦୁଷ୍ଟତା ଦମନକାରୀ ଦୂତମାନଙ୍କୁ ପ୍ରେରଣ କରିଥିଲେ କି ? ନା – ଈଶ୍ୱର ସେହିପରି କିଛି କରି ନ ଥିଲେ । ତାଙ୍କର ଏକ ସଂପୂର୍ଣ୍ଣ ଭିନ୍ନ ଯୋଜନା ଥିଲା । ଏହା ପରିବର୍ତ୍ତେ, ସେ ଜଣେ ବ୍ୟକ୍ତି, ମୋଶାଙ୍କ ଉପରେ ନିଜର ହସ୍ତକ୍ଷେପନ କରି ତାଙ୍କୁ ଉଠାଇଥିଲେ ।

ମୋଶା ଏକ ପ୍ରାର୍ଥନାଶୀଳ ବ୍ୟକ୍ତି ଥିଲେ ଓ ସଂପୂର୍ଣ୍ଣ ଭାବରେ ଈଶ୍ୱରଙ୍କ ସହିତ ରହିଥିଲେ । ସେ ମିଶରର ଆମୋଦ ପ୍ରମୋଦକୁ, ବିଳାସ ଓ ପ୍ରଲୋଭନକୁ ‘ନା’ ବୋଲି କହି ପବିତ୍ର ଆତ୍ମାଙ୍କ ସଂପୂର୍ଣ୍ଣ ରାଜତ୍ୱ ଅଧୀନରେ ବାସ କରିଥିଲେ । ତାଙ୍କର କୌଣସି ନିଜସ୍ୱ କାର୍ଯ୍ୟ ଯୋଜନା ଓ ଅଭିଳାଷ ନ ଥିଲା । ସେ ନିଜର ସମସ୍ତ ମାନବିକ ସାମର୍ଥ୍ୟ ପରିତ୍ୟାଗ କରି ତାଙ୍କର ଏକମାତ୍ର ଯୋଗାଣକର୍ତ୍ତା ଓ ସମ୍ବଳ ଭାବରେ ମହାନ୍ ‘‘ଆମ୍ଭେ ଅଛୁ’’ (ସ୍ୱୟମ୍ଭୁ)ଙ୍କ ଉପରେ ନିର୍ଭରଶୀଳ ଥିଲେ । ପୁଣି ସେ ଈଶ୍ୱରଙ୍କ ପବିତ୍ରତା ସମ୍ବନ୍ଧୀୟ ଏକ ପ୍ରାଥମିକ ଦର୍ଶନ ସହିତ ପବିତ୍ର ଭୂମିରୁ ଆସିଥିଲେ ।

ସେଥିପାଇଁ ଇସ୍ରାଏଲର ଅତି ଅନ୍ଧକାରମୟ ସମୟରେ, ଯେତେବେଳେ ଈଶ୍ୱରଙ୍କ ଲୋକମାନେ ଶତ୍ରୁ ଦ୍ୱାରା ବିନଷ୍ଟ ହେବା ଭଳି ମନେ ହେଉଥିଲା, ସେତେବେଳେ ପ୍ରଭୁ ଏହି ସମସ୍ତ ମଧ୍ୟରେ ଏପରି ଜଣେ ଲୋକକୁ ଉଠାଇଥିଲେ, ଯିଏ ଏକ ସାକ୍ଷୀ ଭାବରେ କାର୍ଯ୍ୟ କରିଥିଲେ । ପୁଣି ଏହି ବ୍ୟକ୍ତି ଗୋଟିଏ ଦେଶକୁ ପତିତ କରାଇ ଆଉ ଗୋଟିଏ ଦେଶକୁ ଉଠାଇ ଥିଲେ । ଈଶ୍ୱର ଏହିସବୁ କେବଳ ଜଣେ ବ୍ୟକ୍ତି ମାଧ୍ୟମରେ ସାଧନ କରିଥିଲେ ।

### ଆମେ ଶାମୁୟେଲଙ୍କଠାରେ ସେହି ସମାନ ଯୋଜନା କାର୍ଯ୍ୟକାରୀ ହେବାର ଦେଖୁ ।

ଏଠାରେ ଆମେ ଅନ୍ୟ ଗୋଟିଏ ଯୁଗର ଧର୍ମଚ୍ୟୁତି, ଭ୍ରଷ୍ଟତା ଓ ସ୍ଖଳନ ଦେଖୁ । ସେହି ସମୟରେ ଇସ୍ରାଏଲଠାରୁ ନିୟମନ ସିନ୍ଦୁକ ଚାଲି ଯାଇଥିଲା । ଦେଶର ମହାଯାଜକ, ଏଲୀ ଆଳସ୍ୟ ପରାୟଣ ଓ ଆତ୍ମ-ସନ୍ତୁଷ୍ଟ ଥିଲେ ଓ ତାଙ୍କର ପୁତ୍ରମାନଙ୍କୁ ଯାଜକ ପଦର ଅପବ୍ୟବହାର କରିବା ପାଇଁ ସୁଯୋଗ ଦେଇଥିଲେ । ସେମାନଙ୍କ ନେତୃତ୍ୱ ଅଧୀନରେ ବ୍ୟଭିଚାର ଓ କାମୁକତା ମନ୍ଦିର ମଧ୍ୟରେ ବହୁଳ ଭାବରେ ପ୍ରଚଳିତ ଥିଲା । ମାତ୍ର ଏଲୀ ତାଙ୍କ ବିଳାସର ଜୀବନ ସହିତ ଏପରି ଅଭ୍ୟସ୍ତ ହୋଇ ଯାଇଥିଲେ ଯେ ସେ ସେମାନଙ୍କୁ ବାଧା ଦେବା ପାଇଁ ଆଦୌ କିଛି କରି ନ ଥିଲେ ।

ଗୋଟିଏ ସମୟରେ, ସଦାପ୍ରଭୁ ସମଗ୍ର ଧର୍ମ ବ୍ୟବସ୍ଥା ଉପରେ ‘‘ଇକାବଦ୍’’ ଶବ୍ଦ ଲେଖିଥିଲେ ଯାହାର ଅର୍ଥ ଥିଲା – ‘‘ପ୍ରଭୁଙ୍କର ଆତ୍ମା ପ୍ରସ୍ଥାନ କରିଛନ୍ତି ।’’ ପୁଣି ଥରେ, ଶୟତାନିକ ଶକ୍ତିଗୁଡ଼ିକ ମହା ପରାକ୍ରମରେ ଉତ୍ଥିତ ହୋଇଥିଲେ । ପୁଣି ସ୍ୱାଭାବିକ ଚକ୍ଷୁରେ, ଈଶ୍ୱରଙ୍କ କାର୍ଯ୍ୟ ଏତେ ପରିମାଣର ଭୂମି ହରାଇଥିଲା ଯେ ପୁନଃପ୍ରାପ୍ତି ଅସମ୍ଭବ ମନେ ହେଉଥିଲା ।

ମାତ୍ର ପ୍ରଭୁଙ୍କ ନିକଟରେ ଜଣେ ବ୍ୟକ୍ତି ଶାମୁୟେଲ ନାମକ ଜଣେ ବାଳକ ରହିଥିଲେ । ତାଙ୍କ ଚତୁର୍ଦ୍ଦିଗସ୍ଥ ସମସ୍ତ ସେବକ ବ୍ୟଭିଚାର ଓ ପେଟୁକତାରେ ଆସକ୍ତ ଥିବା ସମୟରେ ଶାମୁୟେଲ ଈଶ୍ୱରଙ୍କ ସ୍ୱର ଶୁଣିବା ଶିକ୍ଷା କରୁଥିଲେ । ପୁଣି, ସେ ପ୍ରଭୁଙ୍କ ସହିତ ଅଧିକରୁ

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨),ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତିମଥି ୧:୬)

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ, (୨୦୨୧ ଜାନୁୟାରୀ ୧୯ ରୁ ଫେବୃୟାରୀ ୧୮ ପର୍ଯ୍ୟନ୍ତ)**

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ )

## ପ୍ରଶଂସାର ବିଷୟ

ଜାନୁୟାରୀ-୧୯ ଈଶ୍ୱର ଆମର ନୂତନ ବର୍ଷ ରାତ୍ରି ଉପାସନାକୁ ଆଶୀର୍ବାଦ କରିଥିଲେ ।

ଜାନୁୟାରୀ-୨୦ ଈଶ୍ୱର ଆମ ମୁଖ୍ୟ ଉପାସନାଳୟରେ ଗତ ଡିସେମ୍ବର ମାସର କାର୍ଯ୍ୟଗୁଡ଼ିକ ଉପରେ ଆଶୀର୍ବାଦ କରିଥିଲେ ।

ଜାନୁୟାରୀ-୨୧ ଈଶ୍ୱର ୧୬ଟି ଭାଷାରେ ପ୍ରକାଶିତ, ଆମ ଛାପା ଖାନାରେ ମୁଦ୍ରିତ ଓ ମିଶନ୍ କ୍ଷେତ୍ରଗୁଡ଼ିକ ପ୍ରେରିତ ଆମର ପତ୍ରିକା ଉପରେ ଆଶୀର୍ବାଦ କରିଛନ୍ତି ।

ଜାନୁୟାରୀ-୨୨ ଈଶ୍ୱର ମଣିପୁରୀ ଭାଷାରେ ‘‘ଆହ୍ୱାନର ପ୍ରତିଧ୍ୱନି’’ ଆରମ୍ଭ କରିବାରେ ଆମକୁ ସାହାଯ୍ୟ କରିଛନ୍ତି ।

ଜାନୁୟାରୀ-୨୩ ଈଶ୍ୱର ଆମ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ଅନ୍-ଲାଇନ୍ ପାଠ ପଢ଼ା ଉପରେ ଆଶୀର୍ବାଦ କରିଛନ୍ତି ।

ଜାନୁୟାରୀ-୨୪ ଆମ ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଶିକ୍ଷକମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜାନୁୟାରୀ-୨୫ ଆମର ବାଇବଲ କୋର୍ - ବାଇବଲ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ ଓ ଥିଓଲୋଜିକାଲ୍ କରେସପଣ୍ଡେସ ପାଠ୍ୟକ୍ରମ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜାନୁୟାରୀ-୨୬ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜାନୁୟାରୀ-୨୭ ‘‘ଆହ୍ୱାନର ପ୍ରତିଧ୍ୱନି’’କୁ ଅନ୍ୟ କିଛି ଭାଷାରେ ପ୍ରକାଶ କରିବା ପାଇଁ ରହିଥିବା ଆମର ଦର୍ଶନ ନିମନ୍ତେ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ ।

ଜାନୁୟାରୀ-୨୮ ଆମର ପ୍ରାର୍ଥନାସାଥୀ, ବିଶ୍ୱାସସାଥୀ, ଆଜୀବନ ସଭ୍ୟ, ସଭ୍ୟ ଚାନ୍ଦା ଦେଉଥିବା ସାଥୀ, ମହାଆଦେଶ ସାଥୀଗଣ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ପାଇଁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ ।

ଜାନୁୟାରୀ-୨୯ ଆମ ବାଇବଲ କଲେଜଗୁଡ଼ିକର ଆରମ୍ଭ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜାନୁୟାରୀ-୩୦ ଈଶ୍ୱର ଆମର ସମସ୍ତ ମିଶନ ଯାତ୍ରା ଉପରେ ଆଶୀର୍ବାଦ କରିଥିଲେ ।

ଜାନୁୟାରୀ-୩୧ ଆମର ରାଜ୍ୟ-ସଂଯୋଜକମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଫେବୃୟାରୀ-୧ ଈଶ୍ୱର ଗତମାସ ‘‘ଆହ୍ୱାନର ପ୍ରତିଧ୍ୱନି’’ର ସମସ୍ତ କାର୍ଯ୍ୟ ଉପରେ ଆଶୀର୍ବାଦ କରିଥିଲେ ।

ଫେବୃୟାରୀ-୨ ଆମର ପ୍ରଭୁ ଆମର ବରିଷ୍ଠ ପାଳକ ଏସ୍ ସାମ୍ ସେଲ୍‌ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଇଛନ୍ତି ।

ଫେବୃୟାରୀ-୩ ଈଶ୍ୱର ଆଶୀର୍ବାଦ କରି, ଗତ ମାସରେ ଅନେକ ନୂତନ ବିଶ୍ୱାସୀଙ୍କୁ ଆମ ମଣ୍ଡଳୀ ମଧ୍ୟକୁ ଆଣିଥିଲେ ।

## ପ୍ରାର୍ଥନାର ବିଷୟ

ଫେବୃୟାରୀ-୪ ଈଶ୍ୱର ଯେପରି ୨୦୨୧ରେ ‘‘ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇବେ ।

ଫେବୃୟାରୀ-୫ ଈଶ୍ୱର ଯେପରି ଆମର ସେହି ବନ୍ଧୁମାନଙ୍କୁ ଆଶୀର୍ବାଦ କରିବେ ଯେଉଁମାନେ ୨୦୨୦ରେ ଆମ ମିଶନ କ୍ଷେତ୍ରକୁ ଆସିଥିଲେ ।

ଫେବୃୟାରୀ-୬ ଈଶ୍ୱର ଯେପରି ୨୦୨୧ରେ ଆମର ସମସ୍ତ ପାଠକଙ୍କୁ ଆଶୀର୍ବାଦ କରିବେ ।

ଫେବୃୟାରୀ-୭ ଆମର ଇଂରାଜୀ ସହଯୋଗୀ ସଂପାଦକ, ଭାଇ ଏମ୍. ପଲ୍‌ରାଜଙ୍କର ସଂପୂର୍ଣ୍ଣ ସୁସ୍ଥତା ପାଇଁ ପ୍ରାର୍ଥନା କରନ୍ତୁ ।

ଫେବୃୟାରୀ-୮ ଆମର ମଣିପୁରୀ ଭାଷାର ସହଯୋଗୀ ସଂପାଦକ ରେଭ.ଡଃ. ରିଷିକେଶ ସୋରୋଖାଇବୁମ୍‌ଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଫେବୃୟାରୀ-୯ ଈଶ୍ୱର ଯେପରି ନିଶାବଟିକା ସେବନକାରୀଙ୍କୁ ଉଦ୍ଧାର କରିବେ ।

ଫେବୃୟାରୀ-୧୦ ଈଶ୍ୱର ଯେପରି ଦୁର୍ଗମ ଅଞ୍ଚଳରେ କାର୍ଯ୍ୟ କରୁଥିବା ଆମ ମିଶନେରୀମାନଙ୍କୁ ସୁରକ୍ଷା ଦେବେ ।

ଫେବୃୟାରୀ-୧୧ ଉତ୍ତର ଭାରତର ମିଶନେରୀମାନଙ୍କ ସୁରକ୍ଷା ଓ ଈଶ୍ୱରଙ୍କ ଚାଳନା ପାଇଁ ପ୍ରାର୍ଥନା କରନ୍ତୁ ।

ଫେବୃୟାରୀ-୧୨ କରୋନା ମହାମାରୀ ଯେପରି ସମସ୍ତ ଦେଶରୁ ଦୂର ହେବ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଫେବୃୟାରୀ-୧୩ ଆମେ ଆମ ଛାପାକଳ ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ଆବଶ୍ୟକ କରୁଅଛୁ ।

ଫେବୃୟାରୀ-୧୪ ସମସ୍ତ ସଂପ୍ରଦାୟର ବିଶ୍ୱାସୀମାନେ ଯେପରି ପରସ୍ପର ମଧ୍ୟରେ ପ୍ରେମ ଓ ଏକତା ରକ୍ଷା କରିବେ ।

ଫେବୃୟାରୀ-୧୫ ଈଶ୍ୱର ଯେପରି ସମସ୍ତ ଦେଶର ସୀମାଞ୍ଚଳ ଗୁଡ଼ିକରେ ଶାନ୍ତି ପ୍ରତିଷ୍ଠା କରିବେ ।

ଫେବୃୟାରୀ-୧୬ ଈଶ୍ୱର ଯେପରି ଏହି ନୂତନ ବର୍ଷ-୨୦୨୧ରେ ଆମର ଅନୁଷ୍ଠାନ ଓ ସେଗୁଡ଼ିକର କର୍ମଚାରୀମାନଙ୍କ ଉପରେ ନୂତନ ଅଭିଷେକ ଆଣିବେ ।

ଫେବୃୟାରୀ-୧୭ ପୃଥିବୀର ସମସ୍ତ ରାଜନୈତିକ ଦଳ ଓ ସେଗୁଡ଼ିକର ନେତାମାନେ ଯେପରି ପ୍ରଭୁଙ୍କୁ ଜାଣିବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଫେବୃୟାରୀ-୧୮ ଈଶ୍ୱର ଯେପରି ଆମର ବରିଷ୍ଠ ପାଳକ, ତାଙ୍କ ପରିବାର ଓ ସହକର୍ମୀମାନଙ୍କୁ ସମସ୍ତ ପ୍ରକାର ମନ୍ଦତାରୁ ସୁରକ୍ଷା ଦେବା ଅବ୍ୟାହତ ରଖିବେ ।

*(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)*

ଅଧିକ ଅନ୍ତରଙ୍ଗ ହେବା ସମୟରେ, ପବିତ୍ର ଆତ୍ମା ଗୋଟିଏ ଭାବବାଣୀ ଦ୍ୱାରା ତାଙ୍କୁ ପରିପୂର୍ଣ୍ଣ କରିଥିଲେ । ସେ ଏକ ସାକ୍ଷୀ – ଈଶ୍ୱରଙ୍କ ଶକ୍ତିର ଏକ ଜୀବନ୍ତ ପ୍ରମାଣରେ ପରିଣତ ହୋଇଥିଲେ ।

ଧର୍ମଶାସ୍ତ୍ର କହେ ଯେ ଶାମୁୟେଲ ବୃଦ୍ଧି ପାଉଥିବା ସମୟରେ, ତାଙ୍କର ଗୋଟିଏ ବାକ୍ୟ ସୁଦ୍ଧା ବିଫଳ ହେଉ ନ ଥିଲା – ଅର୍ଥାତ୍, ସେ ସୁସଂଗତ ଭାବରେ ଶକ୍ତି ଓ ଅଧିକାର ସହିତ କଥା କହୁଥିଲେ । ପୁଣି ତାଙ୍କର ଧାର୍ମିକ ଅଧିକାର ଯୋଗୁ, କୌଣସି ଦେଶ ୪୦ ବର୍ଷ ଧରି ଇସ୍ରାଏଲ ବିରୁଦ୍ଧରେ ଉଠିବା ପାଇଁ ସମର୍ଥ ହୋଇ ନ ଥିଲା ।

ପୁଣି ଥରେ, ପ୍ରଭୁ ସମଗ୍ର ଜାତି ପ୍ରତି ଏକ ସାକ୍ଷୀ ଭାବରେ ଜଣେ ବ୍ୟକ୍ତିଙ୍କୁ ଉଠାଇ ଥିଲେ । ଈଶ୍ୱର କୌଣସି ସୈନ୍ୟବାହିନୀ, କୌଣସି ମାନବ ଅନୁଷ୍ଠାନ, କୌଣସି ''ନୂତନ ବିଷୟ'' ଆବଶ୍ୟକ କରି ନ ଥିଲେ । ସେ କେବଳ ଜଣେ ଧାର୍ମିକ ବ୍ୟକ୍ତିଙ୍କୁ ଆବଶ୍ୟକ କରିଥିଲେ – ଯାହାଙ୍କର ସେବାକାର୍ଯ୍ୟ ତାଙ୍କର ପବିତ୍ର ମାର୍ଗ ପ୍ରତି ସଂପୂର୍ଣ୍ଣ ଭାବରେ ଉତ୍ସର୍ଗୀକୃତ ଥିଲା ।

**ଆମେ ନିହିମିୟାଙ୍କ ସମୟରେ ଏହି ସମାନ ଧାରା ଦେଖୁ ।**

ନିହିମିୟାଙ୍କ ସମୟରେ, ଯିରୂଶାଲମର ପ୍ରାଚୀର ଓ ନଗର ସଂପୂର୍ଣ୍ଣ ଧ୍ୱଂସଗ୍ରସ୍ତ ଅବସ୍ଥାରେ ଥିଲା, ପୁଣି ଇସ୍ରାଏଲ ମଣ୍ଡଳୀ ସଂପୂର୍ଣ୍ଣ ଭାବରେ ସ୍ଖଳିତ ହୋଇଥିଲେ ଓ ସେମାନଙ୍କ ମଧ୍ୟରେ ଆଉ କୌଣସି ସାକ୍ଷ୍ୟ ରହି ନ ଥିଲା, ଇସ୍ରାଏଲକୁ ପରିବେଷ୍ଟନ କରିଥିବା ଦୁଷ୍ଟ ଶକ୍ତିଗୁଡ଼ିକ ସେମାନଙ୍କୁ ଅତିରିକ୍ତ ତାଡ଼ନା କରୁଥିଲେ, ସେମାନେ ଯାହା କିଛି କରିବାକୁ ଚେଷ୍ଟା କରୁଥିଲେ, ତାହାକୁ ପରିହାସ କରୁଥିଲେ ।

ଈଶ୍ୱର ଏପରି ବିନାଶ ସମୟରେ କିପରି ପ୍ରତିକ୍ରିୟା ଦେଖାଇଥିଲେ ? ସେ କ'ଣ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଶୂଶାନ୍‌ରୁ କୌଣସି ସୁଶିକ୍ଷିତ ସୈନ୍ୟବାହିନୀକୁ ପ୍ରେରଣ କରିଥିଲେ ? ସେ କ'ଣ ସେମାନଙ୍କର ମୁଖ୍ୟ ଶତ୍ରୁମାନଙ୍କୁ ପରାସ୍ତ କରିବା ପାଇଁ କୌଣସି ପ୍ରାସାଦ ରକ୍ଷୀଙ୍କୁ ପ୍ରେରଣ କରିଥିଲେ ? ନା, ଈଶ୍ୱର ପୁଣି ଥରେ ଜଣେ ମାତ୍ର ବ୍ୟକ୍ତି, ନିହିମିୟାଙ୍କୁ ଉଠାଇଥିଲେ ।

ଏଠାରେ ଏପରି ଜଣେ ବ୍ୟକ୍ତି ଥିଲେ, ଯାହାଙ୍କ ହୃଦୟରେ ଈଶ୍ୱରଙ୍କର ବୋଝ ରହିଥିଲା । ନିହିମିୟା ପ୍ରାର୍ଥନା, ଉପବାସ ଓ ଶୋକରେ ନିଜର ସମୟ କାଟୁଥିଲେ, କାରଣ ସେ ଇସ୍ରାଏଲର ସ୍ଥିତି ଦେଖି ସଂପୂର୍ଣ୍ଣ ଭାବରେ ଭାଙ୍ଗି ପଡ଼ିଥିଲେ । ସେ ନିରନ୍ତର ଈଶ୍ୱରଙ୍କ ବାକ୍ୟକୁ ଅନୁଧ୍ୟାନ କରୁଥିଲେ ଓ ଭାବବାଣୀକୁ ବୁଝିବା ସଙ୍ଗେ ସଙ୍ଗେ ଆତ୍ମାରେ ପରିଚାଳିତ ହେଉଥିଲେ ।

ଯଦିଓ ନିହିମିୟା ରାଜା ଅର୍ତ୍ତକ୍ଷସ୍ତଙ୍କର ପାନ ପାତ୍ର ବାହକ ଭାବରେ କାର୍ଯ୍ୟ କରୁଥିଲେ, ତଥାପି ସେ ତାଙ୍କ ଚତୁଃପାର୍ଶ୍ୱସ୍ଥ ସମସ୍ତ ଦୁଷ୍ଟତାରୁ ପୃଥକ୍ ରହୁଥିଲେ । ଇସ୍ରାଏଲର ସମସ୍ତ ଇନ୍ଦ୍ରିୟାଭିଳାଷ ଓ ଅଧାର୍ମିକତା ମଧ୍ୟରେ, ସେ ପ୍ରଭୁଙ୍କ ସହିତ ପବିତ୍ର ଭାବରେ ଗମନାଗମନ କରିବା ଅବ୍ୟାହତ ରଖିଥିଲେ । ପୁଣି, ଯେତେ ଜଣ ତାଙ୍କ କଥା ଶୁଣୁଥିଲେ, ସେମାନେ ଆତ୍ମାରେ ଶୁଚିକୃତ ହେଉଥିଲେ ।

ଅତିଶୀଘ୍ର ପବିତ୍ରତା ସମ୍ବନ୍ଧୀୟ ଏକ ଉଦ୍ଦୀପନା ସମଗ୍ର ଦେଶକୁ ବ୍ୟାପି ଯାଇଥିଲା । ''ପୁଣି, ଯାଜକମାନେ ଓ ଲେବୀୟମାନେ ଆପଣା ଆପଣାକୁ ଶୁଚି କଲେ । ଆଉ, ସେମାନେ ଲୋକମାନଙ୍କୁ ଓ ଦ୍ୱାରସବୁ ଓ ପ୍ରାଚୀର ଶୁଚି କଲେ'' (ନିହିମିୟା ୧୨:୩୦) । ଈଶ୍ୱରଙ୍କ ଗୃହକୁ ମଧ୍ୟ ଶୁଚି କରାଯାଇଥିଲା । ନିହିମିୟା ମନ୍ଦିର ମଧ୍ୟକୁ କାର୍ଯ୍ୟକାରୀମାନଙ୍କୁ ପ୍ରେରଣ କରି କହିଥିଲେ, ''ମୁଁ ଏଠାରୁ ପ୍ରତ୍ୟେକ ଅଶୁଚି ବସ୍ତୁ ଦୂର କରିବାକୁ ଇଚ୍ଛା କରୁଅଛି । ଏଠାରେ ଏପରି କିଛି ବିଷୟ ରଖ ନାହିଁ ଯାହା ପ୍ରତିମା ପୂଜା କିମ୍ବା ଇନ୍ଦ୍ରିୟାଭିଳାଷ ସହିତ ସଂପୃକ୍ତ ଅଟେ । ଏସବୁକୁ ବାହାର କରି ଅଗ୍ନିରେ ଦଗ୍ଧ କରି ଦିଅ ।''

ପ୍ରିୟ ବନ୍ଧୁଗଣ, ମନ୍ଦିର ମଧ୍ୟରୁ ଏହି ସମସ୍ତ ବିଷୟ ଦୂର କରିବା ପାଇଁ ନିହିମିୟା ଏହିପରି ଏକ ଆତ୍ମିକ ଅଧିକାର ପାଇଥିଲେ କି ? ରାଜା ତାଙ୍କୁ ଏହା ଦେଇ ନ ଥିଲେ । କୌଣସି ମଣ୍ଡଳୀ ବିଶପ୍ ଏହା ତାଙ୍କୁ ଦେଇ ନ ଥିଲେ । ଏହାକୁ ଗୋଟିଏ ବାଇବଲ ବିଦ୍ୟାଳୟରୁ, ସେ ଶିକ୍ଷା କରି ନ ଥିଲେ ।

ନା, ନିହିମିୟା ତାଙ୍କର ଅଧିକାର ତାଙ୍କର ଆଣ୍ଠୁକୁ ନତ କରି – କ୍ରନ୍ଦନ କରି, ଚୂର୍ଣ୍ଣ ହୋଇ ଓ ଈଶ୍ୱରଙ୍କ ହୃଦୟକୁ ଜାଣିବା ପାଇଁ ଇଚ୍ଛା କରି ପ୍ରାପ୍ତ ହୋଇଥିଲେ । ପୁଣି, ସେ ଜଣେ ପ୍ରାର୍ଥନାଶୀଳ ବ୍ୟକ୍ତି ହୋଇଥିବାରୁ, ଗୋଟିଏ ସମଗ୍ର ଦେଶର ପାପକୁ ସ୍ୱୀକାର କରିବା ପାଇଁ ସମର୍ଥ ହୋଇଥିଲେ । ''ମୁଁ ତୁମ୍ଭ ବିରୁଦ୍ଧରେ ଆମ୍ଭମାନଙ୍କ କୃତ ଇସ୍ରାଏଲ ସନ୍ତାନଗଣର ପାପ ସ୍ୱୀକାର କରି ... ଦିବାରାତ୍ର ଏହି ସମୟରେ ତୁମ୍ଭ ଛାମୁରେ ଯେଉଁ ପ୍ରାର୍ଥନା କରୁଅଛି, ଆପଣା ଦାସର ସେହି ପ୍ରାର୍ଥନା ଶୁଣିବା ପାଇଁ ଏବେ ତୁମ୍ଭର କର୍ଣ୍ଣ ନିବିଷ୍ଟ ... ହେଉ । ମୁଁ ଓ ମୋହର ପିତୃବଂଶ ହିଁ ପାପ କରୁଅଛୁ । ଆମ୍ଭେମାନେ ତୁମ୍ଭ ବିରୁଦ୍ଧରେ ଅତିଶୟ ଦୁଷ୍କର୍ମ କରୁଅଛୁ ଓ ... ଯେଉଁ ଆଜ୍ଞା ... ଆଦେଶ କରିଥିଲ, ତାହା ସବୁ ଆମ୍ଭେମାନେ ପାଳନ କରି ନାହୁଁ'' (ନିହିମିୟା ୧:୬-୭) ।

ଯିହିଜିକଲଙ୍କ ସମୟରେ ଧର୍ମଚ୍ୟୁତି ଓ ସ୍ଖଳନ ବହୁଳ ପରିମାଣରେ ଘଟିଥିଲା ଓ ଏହିପରି ସମୟରେ ଈଶ୍ୱର ତାଙ୍କର ସାକ୍ଷ୍ୟ ହୋଇଥିଲେ ।

ଯିହିଜିକଲଙ୍କ ସମୟରେ ଇସ୍ରାଏଲ କାମୁକ ଓ ଅହଙ୍କାରୀ ଥିଲା । ଲୋକମାନେ ସେମାନଙ୍କ ପ୍ରତିବାସୀର ଭାର୍ଯ୍ୟା ସହିତ ଘୃଣ୍ୟ କର୍ମ କରୁଥିଲେ ଓ ସେମାନଙ୍କ

## ଆହ୍ୱାନ ପ୍ରତିଧ୍ୱନି ସାଥୀଗଣ

### (Echo of His call Partners)

ଈଶ୍ୱରଙ୍କ ଅନୁଗ୍ରହରୁ ''ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ନିମ୍ନଲିଖିତ ବିଭିନ୍ନ ସାମର୍ଥ୍ୟରେ କାର୍ଯ୍ୟରତ ଆହ୍ୱାନର ପ୍ରତିଧ୍ୱନିର ସାଥୀମାନଙ୍କର ସକ୍ରିୟ ଯୋଗଦାନ ଦ୍ୱାରା ସମ୍ଭବ ହୋଇପାରିଛି :

୧. ପ୍ରାର୍ଥନା ସାଥୀଗଣ : ଯେଉଁମାନେ ''ଆହ୍ୱାନର ପ୍ରତିଧ୍ୱନି'' ସେବାକାର୍ଯ୍ୟ ପାଇଁ ନିୟମିତ ଭାବରେ ପ୍ରାର୍ଥନା କରନ୍ତି ଓ ବିଶେଷ ପ୍ରାର୍ଥନା ସଭାର ଆୟୋଜନ କରନ୍ତି ।
୨. ଦାନ ଦେଉଥିବା ସାଥୀଗଣ : ଯେଉଁ ବ୍ୟକ୍ତିମାନେ ସେମାନଙ୍କର ନିୟମିତ ବାର୍ଷିକ ଚାନ୍ଦା ଓ ଦାନ ଦେବା ଦ୍ୱାରା ''ଆହ୍ୱାନର ପ୍ରତିଧ୍ୱନି ପତ୍ରିକା''ର ପ୍ରକାଶନରେ ସାହାଯ୍ୟ କରୁଛନ୍ତି ।
୩. ଆଜୀବନ ସଭ୍ୟ : ଯେଉଁମାନେ ଏକକାଳୀନ ୨୦୦୦ଟଙ୍କା କିମ୍ବା ତା'ଠାରୁ ଅଧିକ ସହାୟତା ପ୍ରଦାନ କରନ୍ତି ।
୪. ବିଶ୍ୱାସୀ ସାଥୀଗଣ : ଯେଉଁମାନେ ''ଆହ୍ୱାନର ପ୍ରତିଧ୍ୱନି''କୁ ମାସିକ ସହାୟତା ପ୍ରଦାନ କରନ୍ତି ।
୫. ମହାଆଦେଶ ସାଥୀଗଣ : ଯେଉଁମାନେ ସାଂପ୍ରଦାୟିକ ପ୍ରତିବନ୍ଧକ ବିନା ସମସ୍ତ ମଣ୍ଡଳୀ, ମିଶନେରୀ ଓ ଅନୁଷ୍ଠାନ ସହିତ ସହଯୋଗ ରକ୍ଷା କରି ଈଶ୍ୱରଙ୍କ କାର୍ଯ୍ୟ କରୁଛନ୍ତି । ଲକ୍ଷ୍ୟ : ଦାନ ଦେବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬) ।

ଏହି ଆତ୍ମିକ ସୈନ୍ୟବାହିନୀ ମଧ୍ୟରୁ ଯେ କୌଣସିଟିରେ ଯୋଗ ଦେବା ପାଇଁ ଆମେ ଆନନ୍ଦର ସହିତ ଆପଣମାନଙ୍କୁ ସ୍ୱାଗତ କରୁଅଛୁ । ଈଶ୍ୱର ଆପଣମାନଙ୍କୁ ପ୍ରଚୁରଭାବେ ଆଶୀର୍ବାଦ କରନ୍ତୁ ।

*ପାଳକ ଏସ୍.ସାମ୍.ସେଲ୍‌ଭାରାଜ*
***98412 71858 / 98410 71858***

ପୁତ୍ରବଧୂମାନଙ୍କୁ ମଧ୍ୟ ଧର୍ଷଣ କରୁଥିଲେ । ଭାବବାଦୀମାନେ ମଧ୍ୟ ସ୍ଖଳିତ ଓ ଧନପ୍ରିୟ ଥିଲେ । ସେମାନେ ଆଉ ଅଶୁଚି ଓ ଶୁଚି ମଧ୍ୟରେ ପାର୍ଥକ୍ୟ ଜାଣୁ ନ ଥିଲେ । ପୁଣି ଦେଶର ନେତାମାନେ ହେଟା ବାଘ ସଦୃଶ ଥିଲେ ଓ ଅସାଧୁ ଲାଭ, ରକ୍ତପାତ, ମିଥ୍ୟା କଥା ଓ ଦରିଦ୍ରମାନଙ୍କ ପ୍ରତି ଅତ୍ୟାଚାର କରିବା ପାଇଁ ଚେଷ୍ଟିତ ଥିଲେ । ଏହିସବୁ ବିଷୟ ଆମ ସମୟ ସହିତ ଅତି ସମାନ ଭଳି ମନେ ହୁଏ ।

ଇସ୍ରାଏଲ ଈଶ୍ୱରଙ୍କ ମାର୍ଗକୁ ଏପରି ଭୁଲି ଯାଇଥିଲା ଯେ ସଦାପ୍ରଭୁ ସେମାନଙ୍କ ବିଷୟରେ କହିଥିଲେ, ''ଇସ୍ରାଏଲ ବଂଶ ଆମ୍ଭ ନିକଟରେ କୁଟା ସଦୃଶ ହୋଇଅଛି ।'' ସେହି ଜାତି ଏତେ ଦୁର୍ବଳ, ଜାଗତିକ ଓ ଶକ୍ତିହୀନ ହୋଇ ଯାଇଥିଲା ଯେ ଈଶ୍ୱର ସେମାନଙ୍କୁ ଜଗତ ନିକଟରେ ଉପହାସର ପାତ୍ର କରିଥିଲେ । ସେ କହିଥିଲେ, ''...ଏଣୁ ଆମ୍ଭେ ତୁମ୍ଭକୁ ଗୋଷ୍ଠୀଗଣ ନିକଟରେ ନିନ୍ଦାର ପାତ୍ର ଓ ସବୁ ଦେଶ ନିକଟରେ ପରିହାସର ପାତ୍ର କରିଅଛୁ'' (ଯିହିଜିକଲ ୨୨:୪) ।

କିପରି ତୀବ୍ର ବିରକ୍ତି ! ଈଶ୍ୱର ଇସ୍ରାଏଲକୁ କହୁଥିଲେ, ''ତୁମ୍ଭେମାନେ ପବିତ୍ର ବିଷୟକୁ ଘୃଣା କରିଅଛ ଓ ନିଜ ନିଜକୁ ଲାଳସା ନିକଟରେ ସମର୍ପଣ କରିଅଛ, ସେଥିପାଇଁ ଆମ୍ଭେ ତୁମ୍ଭମାନଙ୍କର ସାକ୍ଷ୍ୟ ତୁମ୍ଭମାନଙ୍କଠାରୁ ନେଇଯିବା ।''

ଏହି ସମୟରେ ଭାବବାଦୀ ଯିହିଜିକଲ ଅତିଶୀଘ୍ର ଦୃଶ୍ୟ ପଟ୍ଟରୁ ଚାଲିଯିବାକୁ ଉଦ୍ୟତ ଥିବା ଏକ ବୃଦ୍ଧ ବ୍ୟକ୍ତି ଥିଲେ । ସେଥିପାଇଁ ଈଶ୍ୱର ଏହି ପରିସ୍ଥିତିରେ କିପରି ମୁକାବିଲା କରିଥିଲେ ? ସେ ଯିହିଜିକଲଙ୍କୁ କହିଥିଲେ, ''ପୁଣି ଆମ୍ଭେ ଯେପରି ଦେଶ ବିନଷ୍ଟ ନ କରୁ, ଏଥିପାଇଁ ଯେ ପ୍ରାଚୀର ଦୃଢ଼ କରିପାରିବ ଓ ଫାଟ ସ୍ଥାନରେ ଆମ୍ଭ ସମ୍ମୁଖରେ ଦେଶର ସପକ୍ଷରେ ଠିଆ ହେବ, ଏପରି ଏକ ପୁରୁଷ ଆମ୍ଭେ ଅନ୍ୱେଷଣ କଲୁ, ମାତ୍ର ଜଣେ ସୁଦ୍ଧା ପାଇଲୁ ନାହିଁ'' (ଯିହିଜିକଲ ୨୨:୩୦) ।

ଏହାକୁ କଳ୍ପନା କରନ୍ତୁ – ଈଶ୍ୱର ଯାହା ଉପରେ ନିର୍ଭର କରିପାରିବେ, ଏପରି ଜଣେ ଧାର୍ମିକ ବ୍ୟକ୍ତି ପାଇ ପାରିବେ କିମ୍ବା ନାହିଁ – ଏହା ଉପରେ ଇସ୍ରାଏଲର ଭାଗ୍ୟ ନିର୍ଭର କରୁଥିଲା । ମାତ୍ର ସେ ଯିହିଜିକଲଙ୍କୁ କହିଥିଲେ, ''... ମାତ୍ର ଜଣେ ସୁଦ୍ଧା ପାଇଲୁ ନାହିଁ । ଏହେତୁ ଆମ୍ଭେ ସେମାନଙ୍କ ଉପରେ ଆପଣା କ୍ରୋଧ ଢାଳି ଦେଇଅଛୁ...'' (ଯିହିଜିକଲ ୨୨:୩୦–୩୧) ।

ଈଶ୍ୱର ଯିରିମିୟ ଭାବବାଦୀଙ୍କୁ ମଧ୍ୟ ସେହି କଥା କହିଥିଲେ, ''ତୁମ୍ଭେମାନେ ଯିରୂଶାଲମର ସବୁ ସଡକରେ ଏଣେ ତେଣେ ଧାଇଁ ଦେଖ ଓ ବୁଝ ... ଯେବେ ନ୍ୟାୟାଚାରୀ ଓ ସତ୍ୟ ଅନ୍ୱେଷଣକାରୀ ଏକ ଜଣ ପାଇ ପାର, ତେବେ ଆମ୍ଭେ ସେ ନଗରକୁ କ୍ଷମା କରିବା'' (ଯିରିମିୟ ୫:୧) । ସେ ଭାବବାଦୀଙ୍କୁ କହିଥିଲେ ଯେ ''ଯଦି ଫାଟସ୍ଥାନରେ ଠିଆ ହେବା ପାଇଁ ଆମ୍ଭେ ଜଣେ ମାତ୍ର ବ୍ୟକ୍ତିକୁ ପାଇବା, ତେବେ ଆମ୍ଭେ ସମଗ୍ର ଦେଶକୁ କ୍ଷମା ଦେବା, ଆମ୍ଭେ କେବଳ ଜଣେ ବ୍ୟକ୍ତିକୁ ଆବଶ୍ୟକ କରୁ ଯିଏ ଆମ୍ଭର ଇଚ୍ଛା ପ୍ରତି ସଂପୂର୍ଣ୍ଣ ଭାବରେ ବଶୀଭୂତ ଥିବ ।''

ପ୍ରିୟ ବନ୍ଧୁଗଣ, ଆଜି ଆମେ ମଣ୍ଡଳୀରେ ଜଗତ ନିକଟରେ ପହଞ୍ଚିବା ପାଇଁ ଅଧିକ ପ୍ରାସଙ୍ଗିକ, ସମସାମୟିକ ମାର୍ଗ ନିମନ୍ତେ କ୍ରନ୍ଦନ କରୁଥିବା ଏକ କୋଳାହଳ ଶୁଣୁଅଛୁ । ପୁଣି ଅନେକ ଅଦ୍ଭୁତ, ନୂତନ ନୂତନ ଯୋଜନାକୁ ପରୀକ୍ଷା କରାଯାଉଅଛି । ମାତ୍ର ମୋର ଅନେକ ବର୍ଷ ସେବାକାର୍ଯ୍ୟ ଭିତରେ, ଏହି ସବୁ କାର୍ଯ୍ୟକ୍ରମକୁ ଆସିବା ଓ ଯିବାର ମୁଁ ଦେଖିଅଛି । ସେଗୁଡ଼ିକ କେବଳ ଶରୀରକୁ ସନ୍ତୁଷ୍ଟ କରିବା ଉପରେ ନିର୍ଭର କରନ୍ତି, କ୍ରୁଶ ସହିତ ସେଗୁଡ଼ିକର କୌଣସି ସଂପର୍କ ନାହିଁ । ସେମାନେ ଯେଉଁ ଜନତାଙ୍କୁ ଆକର୍ଷଣ କରନ୍ତି, ସେମାନେ ଶୂନ୍ୟ ଓ ଅସଂପୂର୍ଣ୍ଣ ଜୀବନ କାଟୁଥାନ୍ତି ଓ ଜଗତ ଓ ଏହାର ଲାଳସାଠାରୁ ପୃଥକୀକୃତ ହୋଇଥିବା ସୁସମାଚାର ପ୍ରତି ଉନ୍ମୋଚିତ ହୋଇ ନ ଥା'ନ୍ତି । ଜଗତ ଏହିସବୁ କାର୍ଯ୍ୟକ୍ରମକୁ ଉପହାସ କରେ ଓ ସେଗୁଡ଼ିକୁ କେବଳ ମୂର୍ଖତା ବୋଲି ଭାବେ ।

ଯେ କୌଣସି ପ୍ରଚାରକ କିମ୍ବା ସମର୍ଥକ ଏହିପରି ମୂଲ୍ୟହୀନ ବିଷୟଗୁଡ଼ିକର ବିକାଶ କରିପାରନ୍ତି । ଜଣେ ବ୍ୟକ୍ତି ଶୟତାନ ସଦୃଶ ଜୀବନ କାଟିବା ସଙ୍ଗେ ସଙ୍ଗେ ଧାର୍ମିକ କାର୍ଯ୍ୟକ୍ରମ ଗୁଡ଼ିକର ଆୟୋଜନ କରିପାରନ୍ତି । ପ୍ରକୃତରେ, ଆପଣ ଗୋଟିଏ ବୃହତ୍ ମଣ୍ଡଳୀ ନିର୍ମାଣ ପାଇଁ କେବଳ ତୀକ୍ଷ୍ଣ ବୁଦ୍ଧି ଓ ଗୋଟିଏ ମୁଖ୍ୟ ପ୍ରଶାସନିକ ଅଫିସର ଭଳି କୌଶଳ ରଖିବା ଆବଶ୍ୟକ କରିବେ । ମାତ୍ର ଯଦିଆପଣ ଈଶ୍ୱରଙ୍କ ବିନା ତାଙ୍କର ଧାର୍ମିକତା ଓ ପବିତ୍ରତା ବିନା ଏହା କରିବେ, ତେବେ ଏହା ତାଙ୍କ ପାଇଁ ଏକ ଦୂଷିତ ବିଷୟ ହେବ । ଏହା ଏକ ପ୍ରକୃତ ସାକ୍ଷ୍ୟ ଦ୍ୱାରା ସମର୍ଥିତ ହୋଇ ନ ଥିବା ଏକ ସୁସମାଚାର ଅଟେ । ଏଥିରେ ଉଦ୍ଧାର କରିବାର ଶକ୍ତି ନ ଥାଏ ।

ମୁଁ ବହୁ ବର୍ଷ ଧରି ଏହା ମଧ୍ୟ ଲକ୍ଷ୍ୟ କରିଛି ଯେ ଜଣେ ପ୍ରଚାରକ ଯେତେ ସ୍ଖଳିତ ହୋଇଥାନ୍ତି, ସେ ସେତେ ଅଧିକ ଲୋକମାନଙ୍କୁ ଆକର୍ଷଣ କରିବା ପାଇଁ ଆମୋଦକାରୀ ସୁସମାଚାର ଓ ''ନୂତନକର୍ମ'' ପ୍ରତି ଫେରି ଥାନ୍ତି । ପୁଣି ସେ ନିଜର ସଫଳତାକୁ ବିଚାର କରିବା ପାଇଁ ସଂଖ୍ୟା ଓ ଅର୍ଥ ଉପରେ ନିର୍ଭର କରନ୍ତି । ମାତ୍ର ଏହିପରି କାର୍ଯ୍ୟ ପ୍ରତି କୌଣସି ସହାୟକ ସାକ୍ଷ୍ୟ ନ ଥାଏ ।

ଜଣେ ପ୍ରକୃତ ଧାର୍ମିକ ପାଳକ ତାଙ୍କ ସେବାକାର୍ଯ୍ୟରେ କେବଳ ଗୋଟିଏ ଲକ୍ଷ୍ୟ ରଖିଥାନ୍ତି : ସେ ଯେ ପର୍ଯ୍ୟନ୍ତ ତାଙ୍କ ଜୀବନର ପ୍ରତ୍ୟେକଟି କ୍ଷେତ୍ରରେ ପ୍ରଭୁ ଯୀଶୁଙ୍କୁ ସିଂହାସନାରୂଢ଼ କରି ନାହାନ୍ତି, ସେ ପର୍ଯ୍ୟନ୍ତ ତାଙ୍କ ପ୍ରାଣକୁ ବିଶ୍ରାମ ଦିଅନ୍ତି ନାହିଁ ଓ ନିଜକୁ ଓ ତାଙ୍କ ମେଷଗଣଙ୍କୁ ପବିତ୍ର ଆତ୍ମାଙ୍କର ରାଜତ୍ୱ ଅଧୀନକୁ ଆଣନ୍ତି ।

**ଯେଉଁ ବ୍ୟକ୍ତିଙ୍କର ଜୀବନ ସୁସମାଚାରର ରକ୍ଷାକାରୀ ଶକ୍ତି ପ୍ରତି ଏକ ସାକ୍ଷ୍ୟ ହୋଇଥିବ, ସେ ଶୟତାନର ଆକ୍ରମଣର ମୁଖ୍ୟ ଲକ୍ଷ୍ୟ ହେବେ ।**

ଯଦି ଆପଣ ଖ୍ରୀଷ୍ଟଙ୍କ ପରିପୂର୍ଣ୍ଣତା ପାଇଁ କ୍ଷୁଧିତ ଓ ତୃଷିତ ଅଟନ୍ତି, ତେବେ ଶୟତାନ ଆପଣଙ୍କ ଉପରେ ଯୁଦ୍ଧ ଘୋଷଣା କରିବ । ଯେତେବେଳେ ସେ ଏହି ପ୍ରମାଣ ଦେଖେ ଯେ ଆପଣଙ୍କର ସମର୍ପଣ ବାସ୍ତବ ଅଟେ – ଆପଣ ପ୍ରାର୍ଥନାରେ ଉଦ୍‌ଯୋଗୀ ଅଟନ୍ତି, ଆପଣ ନିଜକୁ ଅସ୍ୱୀକାର କରନ୍ତି, ସେତେବେଳେ ସେ ଆପଣଙ୍କ ସାକ୍ଷ୍ୟକୁ ଧ୍ୱଂସ କରିବା ଚେଷ୍ଟାରେ ନର୍କର ସମସ୍ତ ଅସ୍ତ୍ର ବ୍ୟବହାର କରିବ । କାହିଁକି ? କାରଣ ସେହି ସାକ୍ଷ୍ୟ ଧର୍ମଚ୍ୟୁତି ଓ ବିନାଶ ପ୍ରତି ଈଶ୍ୱରଙ୍କ ଉତ୍ତର ଅଟେ ।

ଏହିସବୁ ହିଁ ଦାନିୟେଲଙ୍କ କାହାଣୀରେ ଥିବା ଭୟଙ୍କର ଅଗ୍ନିକୁଣ୍ଡ ସମ୍ବନ୍ଧୀୟ ଅଟେ । ଶୟତାନ ବାବିଲୋନ୍‌ରେ ଅବଶିଷ୍ଟ ରହିଥିବା ଈଶ୍ୱରଙ୍କ ଶକ୍ତିର ଏକମାତ୍ର ସାକ୍ଷ୍ୟକୁ ବିନଷ୍ଟ କରିବା ପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିଥିଲା । ଏହାର ଚରମତା ଥିଲା, ଈଶ୍ୱରଙ୍କ ସତ୍ୟ ସୁସମାଚାରର ସମସ୍ତ ଜୀବିତ ପ୍ରମାଣକୁ ହତ୍ୟା କରିବା ପାଇଁ ଉଦ୍ଦିଷ୍ଟ ଏକ ପ୍ରଜ୍ୱଳିତ ଅଗ୍ନିକୁଣ୍ଡ ।

ତିନିଜଣ ଧାର୍ମିକ ଇସ୍ରାଏଲୀୟ ଯୁବକ ବାବିଲୋନ୍‌ର ଉଚ୍ଚ ସରକାରୀ ପଦବୀରେ କାର୍ଯ୍ୟ କରୁଥିଲେ – ସେହି ଲୋକମାନେ ଯେଉଁ ସୁସମାଚାରର ପ୍ରଚାର କରୁଥିଲେ, ତାହାର ଦୃଶ୍ୟ ସାକ୍ଷ୍ୟ ଥିଲେ । ସେମାନେ ବାବିଲୋନ୍‌ର ବିଳାସପୂର୍ଣ୍ଣ ଜୀବନରୁ ନିଜନିଜକୁ ପୃଥକ୍ କରି ପ୍ରାର୍ଥନା ପ୍ରତି ସେମାନଙ୍କର ଜୀବନକୁ ଉତ୍ସର୍ଗ କରିଥିଲେ । ଏହି ତିନିଜଣ ବ୍ୟକ୍ତି ଭାବବାଦୀ କିମ୍ବା ଯାଜକ ନ ଥିଲେ । ସେମାନେ କେବଳ ସାଧାରଣ ଲୋକ ଥିଲେ । ପୁଣି ସେମାନେ ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ଓ ମୂର୍ତ୍ତିପୂଜକମାନଙ୍କ ମଧ୍ୟରେ ଶୁଚି ହୃଦୟ ବିଶିଷ୍ଟ ହୋଇ ରହିଥିଲେ ।

ଅବଶ୍ୟ, ଏହା ଶୟତାନର କ୍ରୋଧ ଜାଗ୍ରତ କରିଥିଲା ଓ ସେ ବାବିଲୋନ୍‌ର ଦୁଷ୍ଟ ରାଜାର ହୃଦୟ ମଧ୍ୟରେ ପ୍ରବେଶ କରିଥିଲା । ସଙ୍ଗେ ସଙ୍ଗେ ରାଜା ଗୋଟିଏ ବିଶାଳ ସୁବର୍ଣ୍ଣ ପ୍ରତିମା ନିର୍ମାଣ କରି ଏହାକୁ ଜାତୀୟ ଦେବତା ଭାବରେ ଘୋଷଣା କରିଥିଲେ ଓ ଏହାକୁ ଏକ ପୂଜ୍ୟ ବସ୍ତୁରେ ପରିଣତ କରିଥିଲେ । ଏହାପରେ ସେ ଯେପରି ଏହି ନୂତନ ଧର୍ମକୁ ପରିଚିତ କରାଇବେ, ଏଥିପାଇଁ ବାବିଲୋନ ଅଧୀନରେ ଥିବା ପ୍ରତ୍ୟେକ ଦେଶର କର୍ମଚାରୀ ଓ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ଆହ୍ୱାନ କରିଥିଲେ । ଯେତେବେଳେ ରୀତି ଅନୁଯାୟୀ ବାଦ୍ୟ ଯନ୍ତ୍ର ବଜାଗଲା, ସେତେବେଳେ ସମସ୍ତଙ୍କୁ ସେହି ନୂତନ ଦେବତାକୁ ପ୍ରଣାମ କରିବାକୁ କୁହା ଯାଇଥିଲା ।

ଶୟତାନ ମଧ୍ୟ ଏକ ବିଶାଳ ଅଗ୍ନିକୁଣ୍ଡ ପ୍ରସ୍ତୁତ କରିବା ପାଇଁ ରାଜାଙ୍କୁ ପ୍ରରୋଚିତ କରିଥିଲା ଓ ଏହାର ଲେଲିହମାନ ଅଗ୍ନିଶିଖା ସମସ୍ତଙ୍କୁ ଦୃଷ୍ଟିଗୋଚର ହେଉଥିଲା । ମୁଁ ଆପଣଙ୍କୁ ପଚାରୁଛି ଶୟତାନ କାହିଁକି ଏହା କରିଥିଲା ? ନିଶ୍ଚିତ ଭାବରେ, ସେ ଏହା ଜାଣିଥିଲା ଯେ ବାବିଲୋନ୍‌ର କୌଣସି ଠାରେ ଏପରି ଜଣେ ଶାସନକର୍ତ୍ତା, ବିଚାରପତି କିମ୍ବା ଅଧିକାରୀ ନ ଥିଲେ ଯିଏ ନୂତନ ଆଇନର ପ୍ରତିରୋଧ କରିବ । ସେମାନଙ୍କୁ ପ୍ରରୋଚିତ କିମ୍ବା ଭୟଭୀତ କରିବାର ଆବଶ୍ୟକତା ନ ଥିଲା ।

ପ୍ରକୃତରେ, ସେମାନେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଭାବିଥିବେ, ‘‘କିଏ ଏହି ଆଇନ୍‌ର ପ୍ରତିରୋଧ କରିବ ? ଏହା ଆମ ପାଇଁ ଉତ୍ତମ ଅଟେ – ଆମେ ସମୃଦ୍ଧି, ଖାଦ୍ୟ, ପାନୀୟ ଓ ଉତ୍ତମ ଜୀବନ ପାଇଅଛୁ । ପୁଣି ଏହି ନୂତନ ଧର୍ମ ଅତି ସହଜ ଅଟେ । କିଏ ଏହିସବୁ ପରିତ୍ୟାଗ କରିବାକୁ ଇଚ୍ଛା କରିବ ?’’

ତେବେ ଭୟଙ୍କର ଅଗ୍ନିକୁଣ୍ଡକୁ କାହିଁକି ପ୍ରସ୍ତୁତ କରାଯାଇଥିଲା ? ଏହା ସଂପୂର୍ଣ୍ଣ ଭାବରେ ଶୟତାନର କାର୍ଯ୍ୟ ଥିଲା – ତିନି ଜଣ ଯୁବକଙ୍କୁ ଧ୍ୱଂସ କରିବା ପାଇଁ, ଏହା ତା’ର ଯୋଜନା ଥିଲା । ସେ ବାବିଲୋନ୍‌ରେ ଈଶ୍ୱରଙ୍କର ଏକମାତ୍ର ଅବଶିଷ୍ଟ ସାକ୍ଷ୍ୟକୁ ବିନାଶ କରିବା ପାଇଁ ଇଚ୍ଛା କରୁଥିଲା ।

ଶୟତାନ କେବଳ ଏହି ତିନି ଜଣ ଯୁବକଙ୍କୁ ଧରିବା ପାଇଁ ଜଣେ ରାଜାଙ୍କୁ ଓ ତାଙ୍କର ସମସ୍ତ ସରକାରକୁ ଦୁର୍ନୀତିଗ୍ରସ୍ତ କରି ପାରିଥିଲା । ସେ ଏପରି ଗୁରୁତର, ଏପରି ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥିଲା – ଯାହାର କୌଣସି ମନୁଷ୍ୟ ନିଜ ମାନବିକ ଶକ୍ତିରେ କିମ୍ବା କୌଣସି ଧାର୍ମିକ ଯୁବକ ମଧ୍ୟ ଭଗ୍ନଚୂର୍ଣ୍ଣ ନ ହୋଇ ସମ୍ମୁଖୀନ ହୋଇ ପାରିବ ନାହିଁ ।

ମାତ୍ର ବାଦ୍ୟଧ୍ୱନିର ପ୍ରଥମ ଶବ୍ଦ ଶୁଣାଯିବା ମାତ୍ରେ ସେମାନେ ନତ ହୋଇ ପ୍ରଣାମ କରି ନ ଥିଲେ । ଶୟତାନ ଏହାଦ୍ୱାରା କ୍ରୋଧାନ୍ୱିତ ହୋଇଥିଲା । ଏହାପରେ, ରାଜାଙ୍କ ମୁଖରୁ ଏହି ଭୀତିପ୍ରଦ କଥା ନିର୍ଗତ ହୋଇଥିଲା, ‘‘...ଯେ ତୁମ୍ଭମାନଙ୍କୁ ମୋ’ ହସ୍ତରୁ ଉଦ୍ଧାର କରିବ, ଏପରି କେଉଁ ଦେବତା ଅଛି ?’’ (ଦାନିୟେଲ ୩:୧୫) । ‘‘...ଅଗ୍ନି କୁଣ୍ଡକୁ ସାଧାରଣ ପରିମାଣ ଅପେକ୍ଷା ସାତଗୁଣ ଉତ୍ତପ୍ତ କରିବା ପାଇଁ ସେ ଆଜ୍ଞା ଦେଲେ’’ (ଦାନିୟେଲ ୩:୧୯) ।

ବର୍ତ୍ତମାନ ଶୟତାନ ଈଶ୍ୱରଙ୍କ ସେବକମାନଙ୍କୁ ନିଜ ଦୃଷ୍ଟିରେ ରଖିଥିଲା ଓ ଧମକ ଦେଉଥିଲା, ‘‘ତୁମ୍ଭେମାନେ ନିଜ ନିଜକୁ କ’ଣ ବୋଲି ଭାବୁଛ ଯେ ମୁଁ ତୁମ୍ଭମାନଙ୍କ ପାଇଁ ସ୍ଥାପନ କରିଥିବା ଭାଗ୍ୟରୁ ପଳାୟନ କରିପାରିବ ? ମୁଁ ତୁମ୍ଭମାନଙ୍କୁ ପତିତ କରାଇ ତୁମ୍ଭମାନଙ୍କ ସାକ୍ଷ୍ୟକୁ ସଂପୂର୍ଣ୍ଣ ଭାବରେ ଧ୍ୱଂସ କରି ଦେବି ।’’

ସେହିପରି ଆଜି ଆମେ ଯେଉଁ ଉତ୍ତାପର ସମ୍ମୁଖୀନ ହେଉଅଛୁ, ତାହା ସେହି ଯୁଗର ଉତ୍ତାପଠାରୁ ବହୁ ଗୁଣରେ ଅଧିକ ଅଟେ । ଉଦାହରଣ ସ୍ୱରୂପ, ଶୟତାନ ଆମ ଯୁଗର ସମସ୍ତ ଯନ୍ତ୍ର ବିଜ୍ଞାନକୁ ପ୍ରଲୋଭନ, ଇନ୍ଦ୍ରିୟାଭିଳାଷ, ଲାଳସା ଓ ପ୍ରରୋଚନା ଦ୍ୱାରା କଳୁଷିତ କରି ଦେଇଛି । ଆଜି ଆମେ କାହିଁକି ଏହିପରି ଏକ ପ୍ରଲୋଭନ ରୂପକ ପ୍ରଜ୍ୱଳିତ, ଉତ୍ତପ୍ତ ଅଗ୍ନିକୁଣ୍ଡର ସମ୍ମୁଖୀନ ହେଉଅଛୁ ? ପ୍ରତ୍ୟେକ ପ୍ରକାର ଦ୍ରବ୍ୟକୁ ବିକ୍ରି କରିବା ପାଇଁ କାହିଁକି ଲାଳସା ଓ ଯୌନାଚାରକୁ ବ୍ୟବହାର କରାଯାଉଛି ? କାହିଁକି ଇଣ୍ଟରନେଟ୍‌ରେ ଶହ ଶହ ଅଶ୍ଳୀଳ ଚଳଚ୍ଚିତ୍ରର ୱେବ୍‌ସାଇଟ୍ ରହିଛି ? ଏହି ପ୍ରଚୁର ଦୂଷିତ ବିଷୟର ଲକ୍ଷ୍ୟସ୍ଥଳ କିଏ ଅଟେ ?

ନିଶ୍ଚୟ ଦୁଷ୍ଟ ଲୋକମାନଙ୍କ ପ୍ରତି ଯେଉଁମାନେ ଧର୍ମଶାସ୍ତ୍ର ଅନୁସାରେ ଶୟତାନର ସନ୍ତାନ ହୋଇ ସାରିଛନ୍ତି, ସେମାନଙ୍କ ପ୍ରତି ଏହା ଉଦ୍ଦିଷ୍ଟ ନୁହେଁ । ଏହା ସେହି ଧର୍ମବିହୀନ ଜଗତ ନୁହେଁ, ଯାହା ପ୍ରରୋଚିତ ହୋଇ ସାରିଛି । ନା’ ଏସବୁ କେହି ଶୟତାନର ଲକ୍ଷ୍ୟସ୍ଥଳ ନୁହଁନ୍ତି । ବରଂ, ସେ ବିଜୟୀ ଖ୍ରୀଷ୍ଟିଆନମାନଙ୍କୁ ଫାନ୍ଦରେ ପକାଇବା ପାଇଁ ଗଣମମାଧ୍ୟମକୁ ନିୟନ୍ତ୍ରଣ କରୁଅଛି । ସେ ସୁସମାଚାରର ସାକ୍ଷ୍ୟକୁ ଦୁର୍ବଳ ଓ ବିନଷ୍ଟ କରିବା ପାଇଁ ଇଚ୍ଛା କରୁଅଛି ।

ବର୍ତ୍ତମାନ ଅନେକ ବିଶ୍ୱାସୀର ଜୀବନରେ ଅଗ୍ନିକୁଣ୍ଡକୁ ସାତଗୁଣରୁ ଅଧିକ ଥର ଉତ୍ତପ୍ତ କରାଯାଇଛି । ଶୟତାନ ସେମାନଙ୍କ ଗୃହ ଗୁଡ଼ିକରେ, ସେମାନଙ୍କ ଚାକିରୀରେ ଓ ସେମାନଙ୍କ ସଂପର୍କରେ ଏପରି ପରିସ୍ଥିତି ସୃଷ୍ଟି କରିଅଛି ଯେଉଁଗୁଡ଼ିକ ପୂର୍ବାପେକ୍ଷା ଅଧିକ ତୀବ୍ର ରହିଛି । ପୁଣି ଯେଉଁ କେତେକ ଖ୍ରୀଷ୍ଟିୟାନ ଦିନେ ବଳିଷ୍ଠ ଓ ଦୃଢ଼ ବିଶ୍ୱାସୀ ଥିଲେ, ସେମାନେ ବର୍ତ୍ତମାନ ଈଶ୍ୱରଙ୍କୁ ପରିତ୍ୟାଗ କରି ଦେଇଛନ୍ତି । ସେମାନେ ଆଉ ସାହାଯ୍ୟ ପ୍ରାର୍ଥନା କରୁ ନାହାନ୍ତି । ଏହା ପରିବର୍ତ୍ତେ, ସେମାନେ ଭାବୁଛନ୍ତି : ‘‘ମୋ’ ପରୀକ୍ଷା ଏତେ ଅସହ୍ୟ ଯେ ମୁଁ ଆଉ ବଞ୍ଚିପାରିବି ନାହିଁ ।’’

**ଈଶ୍ୱରଙ୍କର ପ୍ରଶଂସା ହେଉ, ଏହି ଲୋକମାନେ ସେମାନଙ୍କ ସାକ୍ଷ୍ୟ ରକ୍ଷା କରିଥିଲେ ଓ ଶୟତାନର ଯୋଜନାକୁ ଚୂର୍ଣ୍ଣ କରିଥିଲେ ।**

ଈଶ୍ୱର ତାଙ୍କ ସାକ୍ଷ୍ୟ ପ୍ରତି ସମଗ୍ର ବାବିଲୋନ୍ ଦେଶକୁ ଉନ୍ମୋଚନ କରିବା ପାଇଁ ଶୟତାନର ଯୋଜନାକୁ ଏକ ସୁଯୋଗରେ ପରିଣତ କରିଥିଲେ । ଏହି ତିନି ଯୁବକ ପ୍ରଣାମ କରି ନ ଥିବାରୁ, ଈଶ୍ୱର ସେମାନଙ୍କୁ ଉଦ୍ଧାର କରିଥିଲେ । ପୁଣି ସେମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟର ଏକ ସ୍ପଷ୍ଟ ପରିପ୍ରକାଶ ସେହି ଦେଶକୁ ମଧ୍ୟକୁ ଆଣିଥିଲେ ।

ବାବିଲୋନ୍‌ର ରାଜା ସାକ୍ଷ୍ୟ ଦେଇଥିଲେ, ‘‘... ଆମ୍ଭେମାନେ କି ତିନି ଲୋକଙ୍କୁ ବାନ୍ଧି ଅଗ୍ନି ମଧ୍ୟରେ ପକାଇ ନ ଥିଲୁ ? ... ଦେଖ, ମୁଁ ଅଗ୍ନି ମଧ୍ୟରେ ଗମନ କରିବାର ଚାରି ମୁକ୍ତ ଲୋକ ଦେଖୁଅଛି ଓ ସେମାନଙ୍କର କୌଣସି କ୍ଷତି ହୋଇ ନାହିଁ, ପୁଣି, ଚତୁର୍ଥ ଲୋକର ମୂର୍ତ୍ତି ପରମେଶ୍ୱରଙ୍କ ପୁତ୍ରର ସଦୃଶ’’ (ଦାନିୟେଲ ୩:୨୪–୨୫) ।

ସଙ୍ଗେ ସଙ୍ଗେ, ରାଜା ମୂର୍ତ୍ତି ପୂଜା ସମ୍ବନ୍ଧୀୟ ତାଙ୍କର ପ୍ରଥମ ଆଇନକୁ ଖଣ୍ଡନ କରିଥିଲେ ଓ ଗୋଟିଏ ନୂତନ ଆଇନ ପ୍ରଣୟନ କରିଥିଲେ, ‘‘ଯେଉଁ ପ୍ରତ୍ୟେକ ଗୋଷ୍ଠୀ, ଦେଶୀୟ ଓ ଭାବବାଦୀ ଲୋକ, ଶଦ୍ରକ, ମୈଶକ୍ ଓ ଅବେଦ୍–ନଗୋର ପରମେଶ୍ୱରଙ୍କ ପ୍ରତିକୂଳରେ କୌଣସି ଭ୍ରାନ୍ତିର କଥା କହିବେ, ସେମାନେ ଖଣ୍ଡ ଖଣ୍ଡ ହୋଇ କଟା ଯିବେ ଓ ସେମାନଙ୍କ ଗୃହ ଖତ–ରାଶି ହେବ । କାରଣ ଏପ୍ରକାର ଉଦ୍ଧାର କରିବାକୁ ସମର୍ଥ ଆଉ କୌଣସି ଦେବତା ନାହିଁ’’ (ଦାନିଏଲ ୩:୨୯) ।

ପ୍ରିୟ ବନ୍ଧୁଗଣ, ଈଶ୍ୱରଙ୍କୁ ପ୍ରେମ କରୁଥିବା ତିନି ଜଣ ଧାର୍ମିକ ବ୍ୟକ୍ତିଙ୍କ ସାକ୍ଷ୍ୟ ଯୋଗୁ ଏହିସବୁ ଘଟିଥିଲା । ସେମାନେ ବିଶ୍ୱାସରେ ସେମାନଙ୍କ ପ୍ରାଣ ବିସର୍ଜ୍ଜନ କରିବା ପାଇଁ ଇଚ୍ଛା କରୁଥିଲେ । ଏହି ତିନି ଜଣ କର୍ମଜୀବୀ ଲୋକ ଦେଶର ନିୟମ ପରିବର୍ତ୍ତନ କରିବା ପାଇଁ ଦାୟୀ ଥିଲେ ?

ହଁ, ସବୁକିଛି ଅର୍ଥନୈତିକ ଭାବରେ, ଶାରୀରିକ ଭାବରେ, ମାନସିକ ଭାବରେ, ଆତ୍ମିକ ଭାବରେ ଓ ଅନ୍ୟ ପ୍ରତ୍ୟେକ ମାର୍ଗରେ ଉତ୍ତପ୍ତ ହେବାକୁ ଯାଉଅଛି । ମାତ୍ର ଈଶ୍ୱର ପ୍ରତ୍ୟେକ ସ୍ଥାନରେ ଥିବା ପୃଥକୀକୃତ, ଧାର୍ମିକ ଲୋକମାନଙ୍କ ଉପରେ ନିଜର ହସ୍ତ ସ୍ଥାପନ କରି ସାରିଛନ୍ତି । ପୁଣି ଏକ ସାକ୍ଷ୍ୟ ଭାବରେ ତାଙ୍କର ସୁସମାଚାର ପ୍ରଚାରିତ ହେବ ।

ଏହାପରେ ପ୍ରଭୁଙ୍କର ଆଗମନ ହେବ ।

***


## ଜରୁରୀ ଆବଶ୍ୟକତା
## ଉର୍ଦ୍ଦୁ ଆହ୍ୱାନର ପ୍ରତିଧ୍ୱନି

ଆମେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପାଇଁ ଜଣେ ଉର୍ଦ୍ଦୁ ଅନୁବାଦକ ଆବଶ୍ୟକ କରୁଅଛୁ । ଆମେ ପ୍ରତି ମାସ ଏହାର ପାଉଣା ଓ ଅନ୍ୟ ସମସ୍ତ ଖର୍ଚ୍ଚ ପ୍ରଦାନ କରିବୁ ।

ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍
ୱାଟ୍‌ସ ଆପ୍ ଏବଂ ମୋବାଇଲ :
98412 71858 / 98410 71858



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ ଏସ୍. ସାମ୍.ସେଲଭାରାଜଙ୍କ ଜୀବନାନୁଭୂତି)

"ଯେ ପାଠ କରେ , ସେ ବୁଝେ" (ମାଥିଉ ୨୪:୧୫)।

**ଆସନ୍ତୁ, ଆମେ ଈଶ୍ୱରଙ୍କର ଅକଥନୀୟ ଦାନ ନିମନ୍ତେ ତାହାଙ୍କୁ ଧନ୍ୟବାଦ ଦେବା ।**

## ବାପ୍ତିସ୍ମ କୁଣ୍ଡର କାହାଣୀ

ମୋର ଆଦ୍ୟ ଦିନ ଗୁଡ଼ିକରେ, ପରିତ୍ରାଣ ପାଇ ନ ଥିବା ବିଭିନ୍ନ ସଂସ୍କୃତି ଓ ଭାଷାର ଲୋକମାନଙ୍କ ମଧ୍ୟରେ ବିଭିନ୍ନ ଭାଷାର ସୁସମାଚାର ପତ୍ରିକା ବଣ୍ଟନ, ମୋର ବ୍ୟକ୍ତିଗତ ଭ୍ରମଣ, ମଣ୍ଡଳୀ କାର୍ଯ୍ୟକ୍ରମ ଓ ସାମାଜିକ ବିକାଶମୂଳକ କାର୍ଯ୍ୟକ୍ରମ ଇତ୍ୟାଦି ମାଧ୍ୟମରେ କଠିନ ପରିଶ୍ରମ କରିବା ମୋର ଅଭ୍ୟାସ ଥିଲା । ବହୁ ପରିମାଣର ଲୋକଙ୍କ ଜୀବନକୁ ସ୍ପର୍ଶ କରି ସେମାନଙ୍କୁ ବାପ୍ତିସ୍ମ ଦେବାରେ ପ୍ରଭୁ ମୋତେ ଅନୁଗ୍ରହ ପୂର୍ବକ ସାହାଯ୍ୟ କରିଥିଲେ । ମାତ୍ର ଅନପେକ୍ଷିତ ଭାବରେ, ବାପ୍ତିସ୍ମ କାର୍ଯ୍ୟ ପରିଚାଳନା କରିବା ପାଇଁ ମୋ' ନିକଟରେ ଗୋଟିଏ ବାପ୍ତିସ୍ମ କୁଣ୍ଡ ନ ଥିଲା ।

ସେଥିପାଇଁ ସେହି କାର୍ଯ୍ୟ ପାଇଁ ବ୍ୟକ୍ତିଗତ ସନ୍ତରଣ ପୁଷ୍କରିଣୀଗୁଡ଼ିକୁ ବ୍ୟବହାର କରୁଥିଲି । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବା ପରେ ବାପ୍ତିସ୍ମ ନେବା ପାଇଁ ଇଚ୍ଛା କରୁଥିବା ଲୋକମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରୁ, ସନ୍ତରଣ ପୁଷ୍କରିଣୀଗୁଡ଼ିକର ମାଲିକମାନେ ସେମାନଙ୍କ ପୁଷ୍କରିଣୀ ବ୍ୟବହାର କରିବା ପାଇଁ ମୋତେ ବାଧା ଦେଲେ । ଏହାପରେ ମୁଁ ଅନ୍ୟ ମଣ୍ଡଳୀଗୁଡ଼ିକରୁ ପ୍ରତିଦିନ ଅନୁମତି ନେଇ ଓ ସେମାନଙ୍କୁ କିଛି ଟଙ୍କା ପ୍ରଦାନ କରି ସେମାନଙ୍କ ବାପ୍ତିସ୍ମ କୁଣ୍ଡଗୁଡ଼ିକୁ ବ୍ୟବହାର କରିବା ଆରମ୍ଭ କରିଥିଲି ।

ପ୍ରଭୁଙ୍କ ନିକଟକୁ ଆସୁଥିବା ଲୋକମାନଙ୍କର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ମୋତେ ସ୍ଥାନୀୟ ମଣ୍ଡଳୀ ଗୁଡ଼ିକରେ ଏକ ଅବାଞ୍ଛିତ ବ୍ୟକ୍ତି ଭାବରେ ବିଚାର କରାଗଲା । ଶେଷରେ, ମୁଁ ଜଣେ ବରିଷ୍ଠ ପାଳକଙ୍କ ନିକଟକୁ ଯାଇ ତାଙ୍କର ବାପ୍ତିସ୍ମ କୁଣ୍ଡ ବ୍ୟବହାର କରିବା ପାଇଁ ତାଙ୍କୁ ସାହାଯ୍ୟ ମାଗିଲି । ସେ ମୋତେ କିଛି ଦିନ ପାଇଁ ଅନୁମତି ଦେଇଥିଲେ । ଦିନେ ସୁନ୍ଦର ପ୍ରଭାତ ସମୟରେ, ସେ ମୋତେ ଡାକି କହିଲେ, ''ଭାଇ ସାମ୍, ମୁଁ ଏହା ଶୁଣି ଅତି ଆନନ୍ଦିତ ଅଟେ ଯେ ଈଶ୍ୱର ଅପହଞ୍ଚ ଅଞ୍ଚଳକୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର ନେବାରେ ଓ ଆମ କୁଣ୍ଡରେ ସେମାନଙ୍କୁ ବାପ୍ତିସ୍ମ ଦେବାରେ ସାହାଯ୍ୟ କରୁଛନ୍ତି । ମାତ୍ର ମୁଁ ଲକ୍ଷ୍ୟ କରିଛି ଯେ ଆପଣ ବିଭିନ୍ନ ପୃଷ୍ଠଭୂମିର ବିଭିନ୍ନ ଲୋକମାନଙ୍କୁ ଆଣି ବାପ୍ତିସ୍ମ ଦେଉଛନ୍ତି । ମୁଁ କୌଣସି ବିପଦ ବରଣ କରିବାକୁ ଚାହୁଁ ନାହିଁ । ସେଥିପାଇଁ, ଦୟାକରି ମୋତେ କ୍ଷମା ଦିଅନ୍ତୁ, ଏହା ପରଠାରୁ ମୁଁ ଆପଣଙ୍କୁ ଅନୁମତି ଦେଇପାରିବି ନାହିଁ ।

ମୁଁ ବାସ୍ତବରେ ଏ ବିଷୟରେ ଅତି ଦୁଃଖିତ ହୋଇଥିଲି କାରଣ କିଛି ମାସ ଧରି ମୁଁ ଆଉ ବାପ୍ତିସ୍ମ ଦେଇ ପାରି ନ ଥିଲି । ମାତ୍ର ନୂତନ ବିଶ୍ୱାସୀମାନେ ବାପ୍ତିସ୍ମ ପାଇଁ ମୋ' ଉପରେ ଚାପ ପକାଉଥିଲେ । ୧୯୮୦ରେ, ଦିନେ ମୁଁ ଭାରୀ ହୃଦୟର ସହିତ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ଆରମ୍ଭ କଲି ଓ ଏହାପରେ ମୋ' କୋଠରୀ ମଧ୍ୟରୁ ବାହାରକୁ ନ ଆସି, ମୋ' ପ୍ରାର୍ଥନା ଆସନ ଉପରେ ମୁହଁ ମାଡ଼ି ପଡି ରହିଲି କାରଣ ପ୍ରାର୍ଥନା କରିବା ପାଇଁ ମୋ' ନିକଟରେ ଆଉ ଅଧିକ କିଛି ଶବ୍ଦ ନ ଥିଲା । କିଛି ସମୟ ପରେ, ପ୍ରଭୁଙ୍କ ଆତ୍ମା ମୋ' ନିକଟକୁ ଆସିଲେ ଓ ମୋତେ ଉଠାଇ ପ୍ରଭୁଙ୍କଠାରୁ ମହତ୍ ବିଷୟ ମାଗିବା ପାଇଁ ଉତ୍ସାହିତ କରିଥିଲେ । ସେହି ଅନୁସାରେ, ମୁଁ ଆମର ଗୋଟିଏ ନିଜସ୍ୱ ଗୃହ ପାଇଁ ପ୍ରାର୍ଥନା କରିବା ଆରମ୍ଭ କରିଥିଲି ଯାହା ମଧ୍ୟରେ ଆମର ମଣ୍ଡଳୀ, ଗୋଟିଏ ବାପ୍ତିସ୍ମ କୁଣ୍ଡ, କାର୍ଯ୍ୟାଳୟ, ଛାପାଖାନା, ବାସଗୃହ, ଇତ୍ୟାଦି ରହିପାରିବ । ମୋ' ନିକଟରେ ଥିବା ସମସ୍ତ ଅର୍ଥ ଓ ସଂପତ୍ତି ଦେଇ ଦେବା ପାଇଁ ପ୍ରଭୁ ମୋତେ ସ୍ପଷ୍ଟ ଭାବରେ କହିଥିଲେ । ପ୍ରଭୁ ମୋତେ ଯେପରି କହିଥିଲେ, ସେହିପରି ଭାବରେ ମୁଁ କୁଣ୍ଠିତ ନ ହୋଇ ଓ ଅନ୍ୟ କିଛି ନ ଭାବି ମୋର ସବୁକିଛି ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଦାନ କରିଥିଲି । ଯଦିଓ ମୋର ବ୍ୟକ୍ତିଗତ ଦାନ ଖୁବ୍ କମ୍ ଥିଲା, ତଥାପି ଈଶ୍ୱର ମୋତେ ଆଶୀର୍ବାଦ କରିଥିଲେ ଓ ମୁଁ ଏହି ବର୍ତ୍ତମାନର ସ୍ଥାନଟିକୁ ସମସ୍ତ ସୁବିଧା ସହିତ ପାଇ ପାରିଥିଲି । ଏହି ଭୂସଂପତ୍ତିଟି ପାଇବା ପରେ, ମୋର ପ୍ରଥମ କାର୍ଯ୍ୟ ଥିଲା ବାପ୍ତିସ୍ମ କୁଣ୍ଡର ନିର୍ମାଣ (ଯାହା ଆଜି ଆମ ନିକଟରେ ଅଛି) । ଆମର ଈଶ୍ୱର କେତେ ଆଶ୍ଚର୍ଯ୍ୟଜନକ ।

ପ୍ରିୟ ବନ୍ଧୁଗଣ, ଈଶ୍ୱର ଆପଣଙ୍କୁ ଏକ ବିଶେଷ କାର୍ଯ୍ୟ ପାଇଁ ମନୋନୀତ କରିଛନ୍ତି । ନିଜକୁ ଓ ଆପଣଙ୍କର ଆହ୍ୱାନକର୍ତ୍ତା ଈଶ୍ୱରଙ୍କୁ ଲଘୁଜ୍ଞାନ କରନ୍ତୁ ନାହିଁ । କୌଣସି ସ୍ୱାର୍ଥ କିମ୍ବା ମନ୍ଦଚିନ୍ତା ନ ରଖି, ଯଦି ଆପଣ ଏକ ସନ୍ତାନ ସଦୃଶ ତାଙ୍କ ନିକଟକୁ ଆସିବେ ଓ ତାଙ୍କ ଚରଣ ତଳେ ଆପଣଙ୍କର ସମସ୍ତ ସମସ୍ୟା ଓ ଅସୁବିଧାକୁ ଢ଼ାଳିଦେବେ, ତେବେ ଆପଣ ନିଜ ଜୀବନ ଉପରେ ଈଶ୍ୱରଙ୍କର ଅତି ବିସ୍ମୟ ଓ ଚମତ୍କାର ହସ୍ତକୁ ଦେଖିବେ । ସେଥିପାଇଁ ଚିନ୍ତାରେ ସମୟ କାଟନ୍ତୁ ନାହିଁ । ''ଅତଏବ ଆପଣା ଆପଣା ମନରୂପ କଟୀବନ୍ଧନ କରି ସଚେତନ ଥାଅ, ପୁଣି ଯୀଶୁ ଖ୍ରୀଷ୍ଟଙ୍କ ପ୍ରକାଶିତ ହେବା ସମୟରେ ଯେଉଁ ଅନୁଗ୍ରହ ତୁମ୍ଭମାନଙ୍କ ପ୍ରତି ବର୍ତ୍ତିବ, ସେଥିରେ ସଂପୂର୍ଣ୍ଣ ରୂପେ ଭରସା ରଖ । ତୁମ୍ଭମାନଙ୍କ ପୂର୍ବ ଅଜ୍ଞାନତା ସମୟର କୁଅଭିଳାଷର ଅନୁରୂପୀ ହୁଅ ନାହିଁ । ମାତ୍ର ତୁମ୍ଭମାନଙ୍କର ଆହ୍ୱାନକର୍ତ୍ତା ଯେପରି ପବିତ୍ର, ତୁମ୍ଭେମାନେ ମଧ୍ୟ ଆଜ୍ଞାବହ ସନ୍ତାନମାନଙ୍କ ପରି ସମସ୍ତ ଆଚରଣରେ ସେହିପରି ପବିତ୍ର ହୁଅ'' (୧ ପିତର ୧:୧୩-୧୫) ।

## ଗୋଟିଏ ପ୍ରେମପୂର୍ଣ୍ଣ ଅନୁରୋଧ

### (A LOVING REQUEST)

ଆମକୁ କର୍ମଚାରୀମାନଙ୍କର ଦରମା, କାଗଜ କିଣିବା ପାଇଁ ଖର୍ଚ୍ଚ ଓ ଯାତ୍ରା ଖର୍ଚ୍ଚ, ଇତ୍ୟାଦି ଭଳି ଅନେକ ଆବଶ୍ୟକତା ପୂରଣ କରିବାକୁ ପଡୁଥିବାରୁ, ଆମେ ଅତି ଚାପଗ୍ରସ୍ତ ଅଛୁ । ସାଧାରଣ ଭାବରେ, ଆମେ କାହାରିକୁ ଅର୍ଥ ସହାୟତା ମାଗି ନ ଥାଉ । ମାତ୍ର ଯେଉଁମାନେ ଏହି ସେବାକାର୍ଯ୍ୟକୁ ପ୍ରେମ କରନ୍ତି, ସେମାନେ ଯେପରି କିଛି ଦାନ ମନି ଅର୍ଡର, ଚେକ୍, ଡିମାଣ୍ଡଡ୍ରାଫ୍ଟ, ଫୋନ୍-ପେ କିମ୍ବା ଏନିଏଫ୍‌ଟି ମାଧ୍ୟମରେ ଆମ ନିକଟକୁ ପ୍ରେରଣ କରିବେ, ଏଥିପାଇଁ ଆମେ ସେମାନଙ୍କୁ ବିଶେଷ ଅନୁରୋଧ କରୁଅଛୁ । ପ୍ରଭୁ ନିଶ୍ଚୟ ଆପଣମାନଙ୍କୁ ଆଶୀର୍ବାଦ କରିବେ ।

*ସଂପାଦକ*
*ଆହ୍ୱାନର ପ୍ରତିଧ୍ୱନି*

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–,**

**ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ଓ୍ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣମାନଙ୍କର ସାହାଯ୍ୟ (**D.D**, ଚେକ୍, ମନିଅର୍ଡର ଦ୍ୱାରା) ନିମ୍ନଲିଖିତ ଠିକଣାରେ ପ୍ରେରଣ କରିପାରିବେ ।

ଦୟାକରି ଆପଣମାନଙ୍କର ଫୋନ ନମ୍ବରଗୁଡ଼ିକୁ ଓ ଇ–ମେଲ ଠିକଣା ପ୍ରେରଣ କରନ୍ତୁ ।

**ECHO OF HIS CALL**
10, Mohammed Abdullah 2nd Street, Chepauk,
Chennai - 600 005, India
PH: (+91-44) 2852 8282, 2852 9293, 2854 7766,
Cell: (+91) 95661 31858 / 98410 71852
E-mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.echoofhiscall.com

**YOU CAN SEND YOUR DONATIONS ON ONLINE ALSO**

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ଦୁଇଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୫.୦୦, ୭.୦୦ ଓ ସକାଳ ୧୦.୦୦ ।
୧୪. ମାଲାୟାଲାମ୍ ଉପାସନା – ରବିବାର ଅପରାହ୍ନ ୨.୦୦ ଘଟିକା ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୪.୦୦ ।
୧୬. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୭. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୮. ପାଳକମାନଙ୍କର ପରାମର୍ଶ – ରବିବାର ଅପରାହ୍ନ ଘ. ୪.୦୦ ଘଟିକା ।
୧୯. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୦. ମଧ୍ୟ–ସପ୍ତାହ ବାଇବଲ ଅଧ୍ୟୟନ – ବୁଧବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୨. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୩. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୪. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୫. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୬. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୭. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୮. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୯. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୦. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୩୧. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୨. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

**The details of our Bank Accounts are given below. Please inform us the details of your remittances.**

| Bank | Branch | Name | IFSC Code No. | Account Number |
|---|---|---|---|---|
| 1. STATE BANK OF INDIA | Triplicane, Chennai -5 | S. Sam Selva Raj | SBIN 0000249 | 102329 34679 |
| 2. ICICI BANK | Anna Salai, Chennai -2 | Echo of His Call | ICIC 0006038 | 6038 05022319 |

RNI NO. 70105/98
Postal Regn. No. TN/CH/(C)/198/21-23
WPP NO. TN/PMG(CCR) / WPP- 265/21-23
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS / 1 Patrika Channel"
on 18th JANUARY 2021
If un-delivered please return to:
ECHO OF HIS CALL (ODIA)
P.O. Box No. 2957,
Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

***JESUS LOVES YOU!***

To

*GOD BLESS YOU!*

Owned and published by **S. Sam Selva Raj** from No.18, Mohammed Abdullah Street, Chepauk, Chennai-600 005 and printed by him at **Echo of His Call Printers** No. 18, Mohammed Abdullah Street, Chepauk, Chennai-600 005. Editor: **S. Sam Selva Raj.**